୬ ଆଜି ଭାରତ-ଇଣ୍ଡିଜ୍ ଦ୍ୱିତୀୟ ଟ୍ୱେଣ୍ଟି-୨୦



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
୮ ପୃଷ୍ଠା

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ–୩୩ ● ସଂଖ୍ୟା–୨୫୦ ● ୯ ଅକ୍ଟୋବର ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-250 ● 9th October 2026, Friday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

# ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

## ପରିବହନ ସେବା ଠପ୍ : ଲୋକେ ହନ୍ତସନ୍ତ

ଭୁବନେଶ୍ୱର, ୮।୧୦

ନ୍ୟୁଜ୍ ବ୍ୟୁରୋ

ଇଣ୍ଡି ମେଣ୍ଟ ପକ୍ଷରୁ ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ବ୍ୟାପକ ପ୍ରଭାବ ଦେଖିବାକୁ ମିଳିଛି। ବନ୍ଦ ଯୋଗୁଁ ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଜନଜୀବନ ପ୍ରଭାବିତ ହୋଇଛି। ସେହିପରି ସାର୍ବଜନୀନ ପରିବହନ ସେବା ବିଶେଷ କରି ଯାତ୍ରୀବାହୀ ବସ୍ ଓ ଅଟୋ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ହନ୍ତସନ୍ତ ହୋଇଛନ୍ତି। ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଯାନବାହନ ଚଳାଚଳ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାକୁ ନେଇ ଅନେକ ସ୍ଥାନରେ ସାଧାରଣ ଲୋକ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ବଚସା ହୋଇଥିବା ଏବଂ କେତେକ ସ୍ଥାନରେ ଏଥିଯୋଗୁ ଉତ୍ତେଜନା ମଧ୍ୟ ପ୍ରକାଶ ପାଇଥିଲା। ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ବନ୍ଦ ପାଳନକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ୍ ପକ୍ଷରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବିଶେଷକରି ଲୋକସେବା ଭବନ, ବିଧାନସଭା ସମେତ ସରକାରୀ ଦପ୍ତରଗୁଡ଼ିକ ସମ୍ମୁଖରେ ବ୍ୟାପକ ପୋଲିସ୍ ମୁତୟନ ବ୍ୟବସ୍ଥା କରାଯାଇଥିଲା। ତେବେ ସରକାରୀ କର୍ମଚାରୀମାନେ ଲୋକସେବା ଭବନ ଓ ବିଧାନସଭା






ପରିସରକୁ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ସୁଦ୍ଧା ପହଞ୍ଚି କାର୍ଯ୍ୟରେ ଯୋଗଦେଇଥିଲେ। କେତେକ ସ୍ଥାନରେ ଆନ୍ଦୋଳନକାରୀ ଏବଂ ପୋଲିସ୍ ମୁହାଁମୁହିଁ ମଧ୍ୟ ହୋଇଥିଲେ।

କଂଗ୍ରେସ ସମେତ ୯ଟି ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ପାଳନ କରାଯାଇଥିଲା। ଚାରିଟି ପ୍ରମୁଖ ଦାବି ବିଶେଷ କରି ଏମ୍ଏମ୍ଡିଆର ଆଇନ ପ୍ରତ୍ୟାହାର, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, ରାଜ୍ୟର ପାଠ୍ୟପୁସ୍ତକରେ କଥିତ ଅନିୟମିତତାକୁ ନେଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ ରିଲିଫ୍ ପ୍ରଦାନ ଦାବିରେ ଏହି ବନ୍ଦ ପାଳନ କରାଯାଇଥିବା ବେଳେ ହସ୍ପିଟାଲ, ଆମ୍ବୁଲାନ୍ସ, ଅଗ୍ନିଶମ ଓ ଉଦ୍ଧାର ସେବା, ଔଷଧ ଦୋକାନ, କ୍ଷୀର ଯୋଗାଣ, ପରୀକ୍ଷା ଏବଂ ଗଣମାଧ୍ୟମ କର୍ମୀଙ୍କ ଭଳି ଅତ୍ୟାବଶ୍ୟକ ସେବାକୁ ବନ୍ଦରୁ ବାଦ୍ ଦିଆଯାଇଥିଲା।

ବନ୍ଦର ସବୁଠାରୁ ଅଧିକ ପ୍ରଭାବ ସାର୍ବଜନୀନ ପରିବହନ ସେବା ଉପରେ ପଡ଼ିଥିଲା। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ବନ୍ଦକୁ ସମର୍ଥନ କରିନଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ ଓ ରାସ୍ତା ଅବରୋଧ କାରଣରୁ ବସ୍ ସେବା ପ୍ରଭାବିତ ହୋଇଥିଲା। ନିଖିଳ ଉତ୍କଳ ଅଟୋ ଚାଳକ ସଂଘ ମଧ୍ୟ ସୁରକ୍ଷା କାରଣ ଦର୍ଶାଇ ଅଟୋ ସେବା ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ପ୍ରତିଦିନ ସାର୍ବଜନୀନ ପରିବହନ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନକାରୀ ମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରିବା ସହ ଯାନବାହନ ଅଟକାଇବାକୁ ଉଦ୍ୟମ କରିଥିଲେ। ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିରୋଧୀ କର୍ମୀମାନଙ୍କ ପ୍ରଦର୍ଶନ ଯୋଗୁଁ କିଛି ସମୟ ପାଇଁ ବସ୍ ଓ ଅଟୋ ଚଳାଚଳ ଠପ୍ ହୋଇଯାଇଥିଲା।

ବନ୍ଦ ପାଳନ ବେଳେ ରାଜ୍ୟର କେତେକ ଅଞ୍ଚଳରେ ଆନ୍ଦୋଳନକାରୀମାନେ ଗାଡ଼ି ଚାଳକ ଓ ସାଧାରଣ ଲୋକଙ୍କୁ ଅଟକାଇବା ସହ ଚାପ ପକାଇଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ବନ୍ଦ ପୂର୍ବରୁ ଇଣ୍ଡି ମେଣ୍ଟ ପକ୍ଷରୁ ନିଜ କର୍ମୀମାନଙ୍କୁ ଶୃଙ୍ଖଳା ବଜାୟ ରଖିବା ସହ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରଦର୍ଶନ କରିବାକୁ ଅପିଲ୍ କରାଯାଇଥିଲା। କିନ୍ତୁ ଆନ୍ଦୋଳନ ସମୟରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଥିଲା। ଫଳରେ ନିଜ କାମରେ ବାହାରିଥିବା ଲୋକଙ୍କ ସହ ଇଣ୍ଡି ମେଣ୍ଟ କର୍ମୀମାନଙ୍କର ତୀବ୍ର ବାକ୍‌ବିତଣ୍ଡା ହୋଇଥିଲା।

ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍ ଛକରେ କିଛି କଂଗ୍ରେସ କର୍ମୀ ଏକ ଟ୍ରକ୍‌କୁ ଅଟକାଇ ଚାଳକଙ୍କୁ ଫେରିଯିବାକୁ ବାଧ୍ୟ କରିଥିବା ଘଟଣା ସାମ୍ନାକୁ ଆସିଛି। ଆନ୍ଦୋଳନକାରୀମାନେ ବିଭିନ୍ନ ସ୍ଥାନରେ ଦୁଇଚକିଆ ଯାନକୁ ମଧ୍ୟ ଅଟକାଇବାକୁ ଉଦ୍ୟମ କରିଥିଲେ। ଏହା ଫଳରେ ଯାତ୍ରୀମାନଙ୍କ ଯାତାୟାତ ପ୍ରଭାବିତ ହୋଇଥିଲା। ଏକ ଘଟଣାରେ ନିଜ ଶିଶୁକୁ ସ୍କୁଲ୍ ନେଇଯାଉଥିବା ଜଣେ ବ୍ୟକ୍ତିଙ୍କ ମୋଟର ସାଇକେଲ୍‌କୁ ଆନ୍ଦୋଳନକାରୀ ମାନେ ଅଟକାଇବା (ପୃଷ୍ଠା ୭ରେ)

# ଆନ୍ କାର୍ସନ୍‌ଙ୍କୁ ସାହିତ୍ୟରେ ନୋବେଲ

ନୂଆଦିଲ୍ଲୀ, ୮।୧୦



୨୦୨୬ ମସିହା ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା କାନାଡାର ଲେଖିକା ଆନ୍ କାର୍ସନ୍‌ଙ୍କ ସହ ଭାରତର ଏକ ନିଆରା ସମ୍ପର୍କ ରହିଛି। ତାଙ୍କ ବଡ଼ ଭାଇ ମାଇକେଲ୍ କାର୍ସନ୍ ଦୀର୍ଘ ବର୍ଷ ଧରି ଭାରତ ଓ ୟୁରୋପର ବିଭିନ୍ନ ସ୍ଥାନରେ ଘୂରି ବୁଲିଥିଲେ। ତାଙ୍କ ଜୀବନ ଓ ମୃତ୍ୟୁକୁ ନେଇ ଆନ୍ ୨୦୧୦ରେ 'ନକ୍ସ' ନାମକ ସ୍ମୃତିଗ୍ରନ୍ଥ ଲେଖିଥିଲେ।

ମାଇକେଲ୍ ଏକ ଡ୍ରଗ୍ ବିକ୍ରି ମାମଲାରେ ଫସିବା ପରେ ୧୯୭୯ରେ କାନାଡା ଛାଡ଼ିଥିଲେ। ଏହାପରେ ସେ ପ୍ରାୟ ୨୨ ବର୍ଷ ଧରି ନକଲି ପାସ୍‌ପୋର୍ଟ ବ୍ୟବହାର କରି ଭାରତ ଓ ୟୁରୋପରେ ରହିଥିଲେ। ସେ ଘରକୁ ମାତ୍ର ପ୍ରାୟ ୬ ଥର ଫୋନ୍ କରିଥିଲେ। ମାଇକେଲ୍‌ଙ୍କ ଜୀବନର ଏହି ଅଧ୍ୟାୟ 'ନକ୍ସ'ର ମୁଖ୍ୟ ବିଷୟ ପାଲଟିଥିଲା। ୨୦୦୦ ମସିହାରେ କୋପେନହାଗେନ୍‌ରେ ମୃତ୍ୟୁ ପୂର୍ବରୁ ମାଇକେଲ୍ ଆନ୍‌ଙ୍କ କାର୍ଯ୍ୟାଳୟକୁ ଫୋନ୍ କରି ତାଙ୍କୁ ଦେଖା କରିବାକୁ କହିଥିଲେ। ଆନ୍ ତାଙ୍କୁ ଭେଟିବା ପାଇଁ ଯିବାର ଏକ ସପ୍ତାହ ପୂର୍ବରୁ ତାଙ୍କ ମୃତ୍ୟୁ ଖବର ପାଇଥିଲେ।

'ନକ୍ସ'ରେ ମାଇକେଲ୍‌ଙ୍କ ସହ ଜଡ଼ିତ ଫଟୋ, କବିତା, ଚିତ୍ର ଓ ଚିଠି ସମେତ ବିଭିନ୍ନ ସ୍ମୃତି ସାମଗ୍ରୀ ସ୍ଥାନ ପାଇଛି। ଏଥିରେ ଡେନମାର୍କର ଡାକ ଟିକଟ ସହ କଶ୍ମୀରରୁ ଲେଖାଯାଇଥିବା ଏକ ଚିଠି ଓ କଶ୍ମୀରର ଏକ ହୋଟେଲ୍‌ର ଲେଖା କାଗଜ ମଧ୍ୟ ରହିଛି। ମାଇକେଲ୍‌ଙ୍କ ନିଖୋଜ ହେବାରେ ଦୁଃଖିତ ତାଙ୍କ ମାଆ ମୃତ୍ୟୁଶଯ୍ୟାରେ ସେହି ଚିଠିଟି ଆନ୍‌ଙ୍କୁ ଦେଇଥିଲେ। ଆନ୍ ମାଇକେଲ୍‌ଙ୍କଠାରୁ ୪ ବର୍ଷ ସାନ। ଶିଶୁ ଥିବାବେଳେ ସେ ନିଜ ବଡ଼ଭାଇଙ୍କୁ ଆଦର୍ଶ ମାନୁଥିଲେ। ମାଇକେଲ୍ ୩୩ ବର୍ଷ ବୟସରେ ଘର ଛାଡ଼ିଥିଲେ ଏବଂ ୫୫ ବର୍ଷ ବୟସରେ ପ୍ରାଣ ହରାଇଥିଲେ। ଆନ୍ 'ନକ୍ସ'କୁ ରୋମୀୟ କବି କାଟୁଲସ୍ ନିଜ ଭାଇଙ୍କ ମୃତ୍ୟୁକୁ ନେଇ ଲେଖିଥିବା କବିତା ୧୦୧କୁ ଆଧାର କରି ରଚନା କରିଥିଲେ। ଏହି କୃତିକୁ ନୋବେଲ କମିଟି ତାଙ୍କର 'ଅବିସ୍ମରଣୀୟ' କାର୍ଯ୍ୟ ଭାବେ ଉଲ୍ଲେଖ କରିଛି। ଆନ୍‌ଙ୍କୁ ସାହିତ୍ୟରେ ନୋବେଲ ଦିଆଯାଇଛି 'ଶାସ୍ତ୍ରୀୟ ପରମ୍ପରା ସହ ରଚନାତ୍ମକ ସଂଳାପ ମାଧ୍ୟମରେ ସମକାଳୀନ ସାହିତ୍ୟ ପାଇଁ ନୂଆ ରୂପ ସୃଷ୍ଟି କରିଥିବା ତାଙ୍କ ସାହସିକ ଓ ଅଭିନବ ସାହିତ୍ୟକୃତି' ପାଇଁ।

ଜୁନ୍ ୨୧, ୧୯୫୦ ରେ ଟରୋଣ୍ଟୋରେ ଜନ୍ମଗ୍ରହଣ କରିଥିବା ଆନ୍ କାର୍ସନ୍ ଜଣେ ପ୍ରଫେସର ଯିଏ କାନାଡା ଓ ଆମେରିକାର ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ କରିଛନ୍ତି। ତାଙ୍କ ରଚନାଗୁଡ଼ିକ ମଧ୍ୟରେ ଉପନ୍ୟାସ 'ଅଟୋବାୟୋଗ୍ରାଫି ଅଫ୍ ରେଡ୍' (୧୯୯୮) ଏବଂ ଏହାର ଦ୍ୱିତୀୟ ଭାଗ 'ରେଡ୍ ଡକ୍' (୨୦୧୩), ପ୍ରବନ୍ଧ 'ଇରୋସ୍ ଦି ବିଟରସୁଇଟ୍' (୧୯୮୬), ଅନୁବାଦ 'ଇଫ୍ ନଟ୍, ୱିଣ୍ଟର' (୨୦୦୨), ଏକ ସଂକଳନ 'ଫ୍ଲୋଟ୍' (୨୦୧୬) ଏବଂ ୧୦ଟି ପ୍ରାଚୀନ ଗ୍ରୀକ୍ ଟ୍ରାଜେଡିର ଅନୁବାଦ ଅନ୍ତର୍ଭୁକ୍ତ।

# ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବଙ୍କ ବଦଳି

ଭୁବନେଶ୍ୱର, ୮।୧୦

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଥିବା ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କୁ ବଦଳି କରାଯାଇ ଭୁବନେଶ୍ୱରସ୍ଥିତ ଆରଓଟିଆଇର ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ କୁକୁମିନା ଦାସଙ୍କୁ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପିଡି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାୟକଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ (ପୃଷ୍ଠା ୭ରେ)

# ପ୍ରସିଦ୍ଧ ଅଭିନେତା ନାନା ପାଟେକରଙ୍କ ଦେହାନ୍ତ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଗୋଆ, ୮।୧୦

ଭାରତୀୟ ସିନେମାର ବରିଷ୍ଠ ଓ ଲୋକପ୍ରିୟ ଅଭିନେତା ନାନା ପାଟେକର ଆଉ ନାହାନ୍ତି। ୭୫ ବର୍ଷ ବୟସରେ ସେ ଏହି ଦୁନିଆକୁ ବିଦାୟ ନେଇଛନ୍ତି। ବରିଷ୍ଠ ଅଭିନେତା ନାନା ପାଟେକରଙ୍କର ଗୁରୁବାର ଭୋର ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଗୋଆର ପଣଜୀ ନିକଟସ୍ଥ ଡୋନା ପାଉଲାରେ ଥିବା ତାଙ୍କ ଆପାର୍ଟମେଣ୍ଟରୁ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲ (ମଣିପାଲ ହସ୍ପିଟାଲ)କୁ ନିଆଯାଇଥିଲା।



ଦିବଂଗତ ଅଭିନେତା ନାନା ପାଟେକରଙ୍କ ପୁଅ ମଲହାର ଏବଂ ମଣିପାଲ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ଶେଖର ସାଲକର ଏହି ଖବରକୁ ନିଶ୍ଚିତ କରିଛନ୍ତି। ଡା. ସାଲକର କହିଛନ୍ତି ଯେ, ତାଙ୍କୁ ବଞ୍ଚାଇବା ପାଇଁ ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ସିପିଆର୍ ଦିଆଯାଇଥିଲା, କିନ୍ତୁ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଅଙ୍କୋଲୋଜି ବିଭାଗର ମୁଖ୍ୟ ଡା. ଶେଖର ସାଲକରଙ୍କ କହିବା ଅନୁସାରେ, ନାନା ପାଟେକରଙ୍କୁ ସକାଳ ପ୍ରାୟ ୫ଟା ୧୦ ମିନିଟ୍‌ରେ ମୃତ ଘୋଷଣା କରାଯାଇଥିଲା।

ନାନା ପାଟେକର ହିନ୍ଦୀ ଓ ମରାଠୀ ସିନେମାର ଜଣେ ଚର୍ଚ୍ଚିତ ଅଭିନେତା ଥିଲେ। ତାଙ୍କ ଜନ୍ମ ୧ ଜାନୁଆରୀ ୧୯୫୧ରେ ମହାରାଷ୍ଟ୍ରର ରାୟଗଡ଼ (ପୃଷ୍ଠା ୭ରେ)

# ଦେଶର ପ୍ରତ୍ୟେକ ଜିଲ୍ଲାରେ ୫-ଜି ସେବା ପହଞ୍ଚିଛି

ନୂଆଦିଲ୍ଲୀ, ୮।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର କହିଛନ୍ତି ଯେ, ଭାରତରେ ୫-ଜି ନେଟ୍‌ୱାର୍କ ଦେଶର ପ୍ରତ୍ୟେକ ଜିଲ୍ଲାରେ ପହଞ୍ଚିଛି। ସେ ସୂଚନା ଦେଇଥିଲେ ଯେ, ଦେଶରେ ୫.୫ ଲକ୍ଷରୁ ଅଧିକ ୫-ଜି ବେସ୍ ଷ୍ଟେସନ୍ କାର୍ଯ୍ୟକ୍ଷମ ରହିଛି ଏବଂ ୨୦୨୨ ତୁଳନାରେ ମୋବାଇଲ୍ ଇଣ୍ଟରନେଟ୍ ର ବେଗ ୧୦ ଗୁଣ ବୃଦ୍ଧି ପାଇଛି।

ପ୍ରଧାନମନ୍ତ୍ରୀ ମୋଦୀ ନୂଆଦିଲ୍ଲୀର ଯଶୋଭୂମି ଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇ.ଏମ୍.ସି.) ୨୦୨୬ର ୧୦ମ ବାର୍ଷିକୀ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣରେ ଏହା କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ,




ଏକ ଦଶନ୍ଧି ପୂର୍ବରୁ ଡିଜିଟାଲ ଦୂରତ୍ୱ ଏକ ବଡ଼ ଆହ୍ୱାନ ଥିଲା। ସେ ସୂଚନା ଦେଇଥିଲେ ଯେ, ଡିଜିଟାଲ ଇଣ୍ଡିଆ ଅଭିଯାନ ଜରିଆରେ ଆମେ ସ୍ଥିତିକୁ ବଦଳାଇ ଦେଇଛୁ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଜି ଦେଶର ପ୍ରତ୍ୟେକ ଜିଲ୍ଲାରେ ୫-ଜି ପହଞ୍ଚିଛି। ଭାରତରେ ୫.୫୦ ଲକ୍ଷରୁ ଅଧିକ 'ବେସ୍ ଷ୍ଟେସନ୍' ରହିଛି, ଯେଉଁଠାରୁ ୫-ଜି ନେଟ୍‌ୱାର୍କ କାର୍ଯ୍ୟ କରୁଛି। ସେ କହିଥିଲେ ଯେ, ଦୂରସଂଚାର କ୍ଷେତ୍ରରେ ବିପ୍ଳବ ସହିତ ଗାଁର ପିଲାମାନେ ମଧ୍ୟ ଗୁଣାତ୍ମକ ଶିକ୍ଷା ପାଉଛନ୍ତି। ଆମ ପାଖରେ ଯେଉଁ ଡିଜିଟାଲ ଏବଂ ଅନଲାଇନ ଶିକ୍ଷା ମାଧ୍ୟମ ରହିଛି, ସେଥିରେ ୨୫ କୋଟି ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ଆମର ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ସେବାକୁ ତ୍ୱରାନ୍ୱିତ କରିବାରେ ଡିଜିଟାଲ ସଂଯୋଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ଲୋକଙ୍କ ଜୀବନ ସହଜ ହୋଇଛି।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୪,୯୫୭ (+୦) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୭୨୦ (+୦) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୨୧୮ (+୦) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)

# ଅର୍ଥମନ୍ତ୍ରୀଙ୍କ ବଡ଼ ନିଷ୍ପତ୍ତି: ହଟିଲା ଟିକସ ଅଧିକାରୀଙ୍କ ଗିରଫଦାରୀ କ୍ଷମତା

ନୂଆଦିଲ୍ଲୀ, ୮।୧୦

ବଡ଼ ନିଷ୍ପତ୍ତି ନେଇଛି ଜିଏସଟି ପରିଷଦ। ୫୬ତମ ଜିଏସଟି ପରିଷଦରେ ଟିକସ ସ୍ଲାବରେ କୌଣସି ପରିବର୍ତ୍ତନ ହୋଇନାହିଁ। କିନ୍ତୁ ପୂର୍ବରୁ ଜିଏସଟି ଅଧିକାରୀଙ୍କୁ ମିଳିଥିବା ଗିରଫଦାରୀ କ୍ଷମତାକୁ ପରିଷଦ ରଦ୍ଦ କରି ଦେଇଛି।

ପରିଷଦର ବୈଠକରେ ଏହି ନୂଆ




ନିୟମକୁ ଅନୁମୋଦନ ମିଳିଛି। ଏହାର ଅର୍ଥ ଜିଏସଟି ଅଧିକାରୀମାନେ ମନଇଚ୍ଛା ଆଉ କାହାକୁ ଗିରଫ କରିପାରିବେ ନାହିଁ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ସୂଚନା ଦେଇଛନ୍ତି। ଟିକସଦାତାଙ୍କୁ ଅପରାଧିକ ମାମଲାରୁ ଆଶ୍ୱସ୍ତି ଦେବାକୁ ଏପରି ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ନୂଆ ନିୟମର ଅର୍ଥ ହେଉଛି ଯେ ଜିଏସଟି ଅଧିକାରୀମାନେ (ପୃଷ୍ଠା ୭ରେ)

# ବ୍ୟାସନଗର କଲେଜ ଅନିର୍ଦ୍ଦିଷ୍ଟକାଳ ପାଇଁ ସାଇନ୍-ଏ-ଡାଏ

ବ୍ୟାସନଗର, ୮।୧୦

ନ୍ୟୁଜ୍ ବ୍ୟୁରୋ

ପ୍ରାକ୍ ନିର୍ବାଚନୀ ହିଂସା ଯୋଗୁ ଯାଜପୁର ଜିଲ୍ଲା ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ସ୍ଥଗିତ ରଖାଯାଇଛି। କଲେଜର ନିର୍ବାଚନ କମିଟି ଓ ଏକାଡେମୀକ୍ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। (ପୃଷ୍ଠା ୭ରେ)




## ଏକାଳ ପଖାଳ



ଅଭିନୟର ଯୁଗପୁରୁଷ ସେ
ନାହାନ୍ତି ଆଉ ଯେ ନାନା
ସିନେମା ଜଗତୁ କର୍ପୁର ଉଡିଛି
ପଡିରହିଅଛି କନା
ହେଇ ଯୁବଷ୍ଟାର ଅନା
ବିନ୍ଦୁଟିଏ ଯଦି ଶିଖିବ ତାଙ୍କଠୁ
ଉଡେଇବ ଯଶ ବାନା।

# ଏସ୍‌ସିବିରେ ରୋଗୀ ମୃତ୍ୟୁକୁ ନେଇ ସଙ୍ଗୀନ ଅଭିଯୋଗ: ୮ ଦିନ ପରେ ବି ଅନୁତ୍ତରିତ ଅନେକ ପ୍ରଶ୍ନ




କଟକ, ୮।୧୦ : ନ୍ୟୁଜ୍ ବ୍ୟୁରୋ

କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ଯାଜପୁର ଜିଲ୍ଲା ପହଙ୍ଗା ଅଞ୍ଚଳର ରୋଗୀ ଶ୍ରୀକାନ୍ତ ଦାସଙ୍କ ମୃତ୍ୟୁକୁ ୮ ଦିନ ବିତିଗଲାଣି। କିନ୍ତୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ଆସିଥିବା ଗୁରୁତର ଅଭିଯୋଗର ପ୍ରକୃତ ସତ୍ୟ ଏଯାଏ ସାମ୍ନାକୁ ଆସିନାହିଁ। ଶ୍ରୀକାନ୍ତଙ୍କୁ ହସ୍ପିଟାଲର ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟ ପ୍ଲାଷ୍ଟିକ୍ ପାଇପରେ ମାଡ଼ ମାରିଥିବା ଏବଂ ଏହା ପରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ କରିଛି। ଏହି ଅଭିଯୋଗ ଆଧାରରେ ମଙ୍ଗଳାବାଗ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

ଘଟଣାଟି ଆହୁରି ଗମ୍ଭୀର ହେଉଛି କାରଣ ସେଦିନ ଘଟଣାସ୍ଥଳରେ ଉପସ୍ଥିତ ଥିବା ଦୁଇଜଣ ସୁରକ୍ଷାକର୍ମୀ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ପୁଲିସ ପଚରାଉଚରା କରିଥିଲା। ପୁଲିସ ସେମାନଙ୍କୁ କେଉଁ ପରିସ୍ଥିତିରେ ପଚରାଉଚରା କଲା, ଘଟଣା ସମୟରେ ସେମାନେ କେଉଁଠି ଥିଲେ, ରୋଗୀଙ୍କ ସହ କ'ଣ ଘଟିଥିଲା ଏବଂ ତାଙ୍କୁ ନିୟନ୍ତ୍ରଣ କରିବା ସମୟରେ କେଉଁ ପ୍ରକ୍ରିୟା ଅନୁସରଣ କରାଯାଇଥିଲା ଏସବୁ ଏବେ ତଦନ୍ତର ଗୁରୁତ୍ୱପୂର୍ଣ୍ଣ ଦିଗ। ତିନିଜଣଙ୍କୁ ପଚରାଉଚରା କରାଯାଇଥିବା କଥା ପୁଲିସ ସୂତ୍ରରୁ ସାମ୍ନାକୁ ଆସିଥିଲା। ତେବେ ପ୍ରଶ୍ନ ଉଠୁଛି ଯଦି (ପୃଷ୍ଠା ୭ରେ)

# ଅଳ୍ପଗଳ୍ପ

## ଦାୟିତ୍ୱ

ପ୍ରଦ୍ୟୁମ୍ନ ପଟ୍ଟନାୟକ

ବୟସ ତିରିଶ ଟପିଲାଣି । କେବେଠାରୁ ଇଂଜିନିୟରିଂ ପଢ଼ା ସାରିଲାଣି । ପାଠ ଅନୁଯାୟୀ ଚାକିରି । ରୂପ ରଙ୍ଗରେ ଦେଖିବାକୁ ସୁନ୍ଦରୀ । ତଥାପି ଝିଅ ବାହା ହେବାକୁ ରାଜିନୁହଁ । ତେଣୁ ବାପା ମା'ଙ୍କର ମୁଣ୍ଡ ବ୍ୟଥା । ସେମାନେ ଯେତିକି ବୁଝାଇ ସୁଝାଇ କହିବା କଥା କହି ସାରିଲେଣି । ଘରେ ସେମିତି କିଛି ସମସ୍ୟା ନାହିଁ । ତା' ନିଜ ରୋଜଗାର ବ୍ୟତୀତ ବାପା ମା' ଯଥାସାଧ ଖର୍ଚ୍ଚ ବାର୍ଚ୍ଚ କରି ଆଡ଼ମ୍ବରରେ ଗୋଟିଏ ମାତ୍ର ଝିଅର ବାହାଘର କରିଦେବାକୁ ପ୍ରସ୍ତୁତ । ଝିଅ ସ୍ୱାତି କିନ୍ତୁ ବାହା ହେବାକୁ ରାଜି ନୁହଁ । ସେହି କଥାକୁ ନେଇ ଦିନେ ତା' ଆଈ କହିଲେ, 'ତୁ ଯଦି କାହାକୁ ଠିକ୍ କରିଛୁ କହ, ନହେଲେ ବାପା ମା' ଖୋଜି ଯେଉଁଠି ଠିକ୍ କରୁଛନ୍ତି ସେଠି ରାଜି ହୋଇଯା। ସେମାନେ ଆଉ କେତେଦିନ ତୋ ଚିନ୍ତା କରିବେ ? ତୋ ବାହାଘର ହୋଇଗଲେ ପରା ସେମାନେ ନିଶ୍ଚିନ୍ତ ହୁଅନ୍ତେ। ଆଈର ସବୁବେଳେ ସେହି କଥା ଶୁଣି ଶୁଣି ସ୍ୱାତି ବିରକ୍ତ ହୋଇ ଯାଇଥାଏ। ଜବାବ ଦେଲା, " ତା' ହେଲେ ମୁଁ ରାସ୍ତାରୁ ଗୋଟେ ପିଲା ଡାକି ଆଣୁଛି, ଆ ମୋତେ ବାହା ହବୁ କହି ।' ସ୍ୱାତିର ମା' ତାଙ୍କ ବୋଉକୁ ଆଖି ଇସାରାରେ କହିଲେ, 'ତୁ ଆଉ କିଛି କହନା, ଝିଅ ରାଗି ଗଲାଣି ତା' ବାହାଘର ଲାଗି ଏମିତି କଥା ଶୁଣି ।' ସ୍ୱାତିର ଆଈ ଚୁପ୍ ହୋଇଗଲେ ଆଉ ସେ କଥା ଉଠାଇଲେ ନାହିଁ। ତା' ମା' ତାଙ୍କ ବୋଉକୁ ପରେ ବୁଝାଇ କହିଲେ, "ଆଜି କାଲିକା ପିଲା, ବଢ଼ିଲା ଝିଅ, ତାଙ୍କ ମନ ନେଇ ଚଳିବାକୁ ପଡୁଛି । ଆଉ କ'ଣ ଆଗକାଳ ହୋଇଛି ଯେ ଝିଅମାନଙ୍କ ପାଇଁ ବାପା ମା'ଙ୍କ ହଁ ରେ ହଁ ନା ରେ ନା। ଏବେ ଯୁଗ ବଦଳି ଗଲାଣି। ସେ ପୁଅ ହେଉକି ଝିଅ ପାଠ ଶାଠ ପଢ଼ି ଚାକିରି ବାକିରି କଲା ପରେ ତାଙ୍କ ଚଳଣି ତାଙ୍କ ମର୍ଜି ଅନୁସାରେ। ତାଙ୍କୁ କଣ ବାଧ କରି ହେବ ନା ତାଙ୍କୁ କାହା ସହ ଛନ୍ଦି ଦେଇ ହେବ ତାଙ୍କ ପସନ୍ଦ ନହେଲେ ।' ସ୍ୱାତିକୁ ବାପା ମା' ଙ୍କ ତରଫରୁ ସେ ସ୍ୱାଧୀନତା ବି ଦିଆ ଯାଇଛି । କେବେଠୁ ତାକୁ ଏକଥା ବି କୁହା ଯାଇଛି ଯେ' ତୁ କାହାକୁ ଯଦି ଠିକ୍ କରିଛୁ କହ, ନହେଲେ ଆମେ ତୋ ବାହାଘର ପାଇଁ ପିଲା ଦେଖିବୁ !' ସେ କଥାକୁ ସେ ଏ କାନରେ ପୂରାଇ ସେ କାନରେ ବାହାର କରିଦିଏ । ଆଗରୁ କହୁଥିଲା, 'ମୁଁ ଏମ. ବି. ଏ. କରିସାରେ।' ତା' ପରେ କହିଲା, 'ନୂଆ ଚାକିରି ଆଉ କିଛିଦିନ ଯାଉ ।' ଏବେ କହୁଛି, 'ଏତେ ବ୍ୟସ୍ତ କାହିଁକି ହେଉଛ ! ' ଯାହାବି ପ୍ରସ୍ତାବ ଆସିଲେ ତା' ମନକୁ ପାଉନାହିଁ। ବର୍ଷ ପରେ ବର୍ଷ ବିତି ଯାଉଛି । ବାପା ମା'ଙ୍କର ବୟସ ବଢୁଛି । ଚିହ୍ନା ଜଣା ବନ୍ଧୁ ବାନ୍ଧବ ପଚାରୁଛନ୍ତି, ସାଙ୍ଗ ସାଥିଙ୍କ ପିଲାମାନେ ବାହା ହୋଇଯିବା ଦେଖି ମନ ଉଛନ ହେଉଛି । ଆଗକାଳ ହୋଇଥିଲେ ଝିଅକୁ ବାହା ନକରି ବୁଢୀ କରିବାର ଉଲୁଗୁଣା ଶୁଣିବାକୁ ମିଳନ୍ତାଣି । ସେ ବାହା ହୋଇଥିଲେ ସେମାନେ ନାତି ନାତୁଣୀ ଦେଖନ୍ତେଣି। ଏବେ କିନ୍ତୁ କୌଣସି ସମସ୍ୟା ନଥାଇ ସେମାନେ ନିରୁପାୟ । ଅବଶ୍ୟ ଆଜିକାଲି ପ୍ରାୟ ସବୁଘରେ ସେମିତି ପରିସ୍ଥିତି । ବାହା ନହୋଇ ପୁଅ ଝିଅମାନେ ଚାଳିଶ ବର୍ଷ ଯାଏ ବୁଲୁଛନ୍ତି । ଆଗକୁ ବାହା ହେବେ କି ନାହିଁ ତା'ର କିଛି ନିଶ୍ଚିତତା ନାହିଁ । କିଛି ଦିନ ପାଇଁ ବାପା ମା'ଙ୍କ ପାଖକୁ ଆସିଥିଲା ସ୍ୱାତି। ମାସେକାଳ ଘରେ ରହି ଅଫିସ୍ କାମ କରି ଫେରିଲା ବେଙ୍ଗାଲୁରୁ । ସେ ଘରେ ଥିବା ବେଳେ ତା'ର ଜଣେ ବାନ୍ଧବୀ ଆସିଥିଲା ତାକୁ ଦେଖା କରିବାକୁ । ଦୁହେଁ ଏକା ସାଥିରେ ଇଞ୍ଜିନିୟରିଙ୍ଗ ପଢୁଥିଲେ । ସେ ବି ସେମିତି ବାହା ହୋଇନାହିଁ। ନିଜ ଝିଅକୁ ତ କହି କିଛି ଲାଭ ହେଉନାହିଁ, ତେଣୁ ସ୍ୱାତିର ମା' ତା ସାଙ୍ଗକୁ କହିଲେ, 'ଆଲୋ ତୁମେ ଝିଅମାନେ କାହିଁକି ବାହା ହେଉନାହିଁ କି ? ସ୍ୱାତିର ସାଙ୍ଗ ହସି ହସି କହିଲା, 'ଆମ ଲାଇଫ୍ ଏକଦମ ବିନ୍ଦାସ, ଖାଅ, ଶୁଅ, ବୁଲ, ଅଫିସ୍ କାମ କର, ବାସ୍ । ବାହା ସାହା ହୋଇ ଏତେ ଦାୟିତ୍ୱ କିଏ ନେବ ?'

ଫର୍ମାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ଗୌରୀଶଙ୍କର ପ୍ରହରାଜଙ୍କ ଦୁଇଟି ଗପ

### Tolet (ଘର ଭଡ଼ା ଦିଆଯିବ) (୧)

ଆଜି ଅନେକ ଦିନ ପରେ ସ୍ମୃତିଟିଏ ମାନସ ପଟରେ ଉଙ୍କିମାରିଲା ଯାହା ମୁଁ ନ ଲେଖି ରହିପାରୁନି। ଲେଖାଟି ପଢ଼ିଲା ପରେ ଏହାର ତାତ୍ପର୍ଯ୍ୟ ଆପଣମାନେ ବୁଝିପାରିବେ। ନନା ଆମର ରାଜ୍ୟ ସରକାରୀ କର୍ମଚାରୀ ଥିଲେ। ଆମେ ତିନି ଭଉଣୀ ଓ ଦୁଇ ଭାଇ ନନା ପାଇଥିବା ସରକାରୀ ଘରେ ରହିଥାଉ। ଆମ ଘରକୁ ଲାଗି ଲାଗି ବହୁତ ଘର ଥାଏ, ସବୁଗୁଡ଼ାକ ସରକାରୀ ଘର। ସେଠି ରହୁଥିବା ସମସ୍ତେ ପ୍ରାୟ ନନାଙ୍କର ସମବୟସ୍କ ଏବଂ ସେମାନଙ୍କ ପିଲାମାନେ ବି ଆମର ସମ ସାମୟିକ । କିଏ ଟିକେ ବଡ଼ କିଏ ବା ସାନ। ଆମ ଘର କଡ଼ରେ ରହୁଥିବା ମିଶ୍ରବାବୁ ଗୋଟେ ଜାଗା ଭୁବନେଶ୍ୱରରେ କିଣିଲେ। ତାର ଅଳ୍ପ ଦିନ ପରେ ଆମ ନନା ମଧ୍ୟ ଗୋଟିଏ ଭଲ ଜାଗା ଭୁବନେଶ୍ୱରରେ କିଣିଲେ। ଆମେ ଆର୍ଥିକ ଦୃଷ୍ଟିରୁ ସେତେଟା ସ୍ୱଚ୍ଛଳ ନଥିଲୁ, ବଡ ପରିବାର ଥିଲା। ନନାଙ୍କ ଭାଇମାନେ ଏବଂ ନନା ବୋଉ ବି ପାଖରେ ରହୁଥିଲେ। କକେଇ ମାନେ ପାଠ ପଢୁଥିଲେ ଏବଂ ଆମମାନଙ୍କ କଥା ବୁଝୁଥିଲେ। ଘର ପାଖ ମଉସା ତାଙ୍କ ଘର ତିଆରି କଲେ ଏବଂ ଘର ଭଡା ଦେଇ ଭଲରେ ଚଳିଲେ। ହଠାତ୍ ଦିନେ ମଉସାଙ୍କ ଘରେ ପାଟି ଶୁଭିଲା, ମୁଁ ଚେଷ୍ଟା କଲି ଜାଣିବା ପାଇଁ ଘଟଣା କ'ଣ। ଶୁଣିପାରିଲି ମଉସା କହୁଥାନ୍ତି ଘର ଦୁଇ ମାସ ହେଲା ଖାଲି ହେଲାଣି କିନ୍ତୁ ଭଡା ନେବା ପାଇଁ କେହି ଆସୁନାହାଁନ୍ତି । ମାଉସୀ କହୁଥାନ୍ତି ମୁଁ ପରା କିରାସିନି ଟିଣକୁ କାଟିକି ବାଗେଇ ସିଧା କରି ବୁଲୁ ଆଉ ମନି(ତାଙ୍କ ପିଲାଙ୍କ ନାମ) ହାତରେ Tolet ଲେଖି ତାଙ୍କୁ କହି ଘର ଆଗରେ ଝୁଲେଇ ଦେଇଚି, ତଥାପି କ'ଣ କେହି ଆସିନାହାନ୍ତି ? ମଉସା ଟିକେ ରହିଯାଇ କହିଲେ ନା'ମ ଆମ ଘର ପାଖରେ ଆହୁରି ବହୁତ ଘର ହେଇଗଲାଣି। ସମସ୍ତେ ପରା ଗୋଟେ ଗୋଟେ Toletର ବୋର୍ଡ ଝୁଲେଇ ଦେଇଛନ୍ତି। ସେମାନଙ୍କର ସବୁ ନୂଆଘର। ଆମର ଟିକେ ପୁରୁଣା ହେଇଗଲାଲାଣି ତ ସେଥିପାଇଁ Tolet ଆଉ ଟିକେ ସୁନ୍ଦର କରି ଲେଖିବାକୁ ପଡିବ। ମୁଁ ଆସି ମୋ ନନାଙ୍କୁ ଏ ବିଷୟରେ ପଚାରିଲି। ସେ ହସି ହସି ମୋ ମୁଣ୍ଡକୁ ଆଉଁସି ଦେଇ କହିଲେ ଆମେ ବି ଆଉ ଅଳ୍ପ ଦିନ ପରେ ଘର କରିବା ଏବଂ ଘର ସରିଲା ପରେ ସେଇ Tolet ଲେଖିବା ଭଡ଼ା ଦେବା ପାଇଁ। ଏହା ଭିତରେ ବହୁତ୍ ଦିନ ବିତିଗଲାଣି। ହଠାତ୍ ଘର ସଫା କଲାବେଳକୁ ଘର ଅଳିଆଗଦା ଭିତରୁ ନନା ସାଇତି ରଖିଥିବା Toletର ବୋର୍ଡଟି ପାଇଲି ଏବଂ ତାକୁ ଦେଖି ସେଇ ପୁରୁଣା ସ୍ମୃତିସବୁ ମୋ ଆଖି ଆଗରେ ନାଚି ଉଠିଲା। ଏବେ ନନା ଆଉ ନାହାନ୍ତି ମାତ୍ର ସେ କରିଥିବା ବିରାଟ ଘରେ ଆମେ ରହୁଛୁ। ତାଙ୍କ ନିର୍ଦ୍ଦେଶରେ ଲେଖା ଯାଇଥିବା Tolet ବୋର୍ଡଟି ବି ଲାଗିଯାଇଛି। ଭାବିଲି ମୋ ନନା ମାତ୍ର ୩୭ ବର୍ଷରେ କେତେ କାମ କରିପାରିଥିଲେ। ସରକାରୀ ଘରେ ରହି ରାଜଧାନୀରେ ସଂପୂର୍ଣ୍ଣ ପରିବାରର ଭରଣ ପୋଷଣ କରି ଜାଗା କିଣି ଘରକରି ପୁଣି ଭଡାଦେବା ଭଳି ସମୃଦ୍ଧ ସ୍ଥିତିକୁ ମୋ ନନା ହିଁ ଆଣିପାରିଥିଲେ। ତାଙ୍କର ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠା, ପରିପକ୍ୱତା ଏବଂ ଦୂରଦୃଷ୍ଟିପାଇଁ ଆମେ ଆଜି ନିଜ ଘରେ ଆରାମରେ ରହୁଛୁ। ଏତେ କଥା ଭାବିଲାବେଳକୁ ନନାଙ୍କ ମୁହଁ ଆଖିଆଗରେ ଝଲସି ଉଠିଲା। ଲାଗିଲା ନନା ଯେମିତି ମତେ କହୁଛନ୍ତି ପୁଅରେ ମଣିଷ ବଞ୍ଚିଥିବା ବେଳେ ତାହାର ମୂଲ୍ୟ କେହି ବୁଝି ପାରନ୍ତିନି କିନ୍ତୁ ମରିଗଲା ପରେ ସମସ୍ତେ ବୁଝନ୍ତି ଏବଂ ଝୁରି ହୁଅନ୍ତି। ହଁ ସତକଥା ଜୀବନର ପ୍ରତିପାଦରେ ମୁଁ ଆଜି ତାଙ୍କର ପରାମର୍ଶ ଆବଶ୍ୟକ କରୁଛି। କିନ୍ତୁ କାହାନ୍ତି ସେ ? ଗପଟି ପଢୁଥିବା ପାଠକଙ୍କୁ ଅନୁରୋଧ ଜୀବିତାବସ୍ଥାରେ ହିଁ ନିଜ ଗୁରୁ ଗୁରୁଜନଙ୍କୁ ସ୍ନେହ ଶ୍ରଦ୍ଧା ଏବଂ ସମ୍ମାନ ଦିଅନ୍ତୁ କାରଣ ସୁଯୋଗ ଥରେ ଚାଲିଗଲେ ଆଉ ଆସେ ନାହିଁ।

### ମୁଁ ଓ ମୋ ବୁଲାକୁକୁର (୨)

ଆମେ ୬ ନମ୍ବର ସରକାରୀ ଘର ଛାଡ଼ି ବିଜେବି ନଗରରେ ନନା କରିଥିବା ଘରେ ଆସି ୧୯୯୪, ଅଗଷ୍ଟ ମାସରେ ରହିଲୁ। ସେତେବେଳେ ଆମ ପାଖରେ ୨ଟି ଭାଲୁଆ କୁକୁର ଥାଆନ୍ତି। ଆମର ସେଇ ରହଣି ସମୟରେ ଗୋଟେ ଦେଶୀ ମାଇ କୁକୁର କୁଆଡୁ ଆସି ରହିଲା। କିଛିଦିନ ପରେ ସେଇ କୁକୁରଟି ୫ଟି ଗୁଲୁ ଗୁଲିଆ ଛୁଆ ଜନ୍ମ ଦେଲା। ସେଥିରୁ ଗାଡ଼ି ଚଢି ୩ଟା ମରିଗଲେ ଆଉ ୨ଟା ବଞ୍ଚିରହି ବଡ ହେଲେ, ଏମିତି ହେଇ ସେମାନଙ୍କ ସଂଖ୍ୟା ବଢିଲା ଏବଂ କମିଲା ମାତ୍ର ସେମାନଙ୍କ ବଂଶଧର ଆମ ଘରେ ରହି ଚାଲିଲେ, ଆଜି ୨୦୨୬ ସେପ୍ଟେମ୍ବର ସୁଦ୍ଧା ସେଥିରୁ ଧଳା ରଙ୍ଗର ମା' ଆଉ ପୁଅ ଏବଂ ପୁଅର ମାଉସୀ ଆମ ଘରେ ଅଛନ୍ତି। ଅତି ଦୁଃଖର କଥା ଆଜି ୨୮.୦୯.୨୬ ରେ ସେଇ ଧଳା ମା' କୁକୁରଟି ହଠାତ୍ ପାଗଳ କୁକୁର ଭଳିଆ ଆଚରଣ କଲା। ମୋତେ ଭୟ ଲାଗିଲା। ମୁଁ ବାଧ ହୋଇ ମୁନିସିପାଲିଟି ବାଲାଙ୍କୁ ଖବର ଦେଲି। ସେମାନେ ଆସି ତାକୁ ତାଙ୍କ ଜାଲରେ ଧରି ନେଇଗଲେ। ମୁଁ କିନ୍ତୁ ତାର ଅନୁପସ୍ଥିତି ଜମାରୁ ସମ୍ଭାଳି ପାରିଲିନି। ମୁଁ ଗାଡ଼ିରେ ଘରକୁ ଫେରିଲା ମାତ୍ରେ ସେ ଗାଡିର ଶବ୍ଦ ଶୁଣି ମୋ ପାଖକୁ ଦୌଡ଼ି ଆସେ। ମୁଁ ପାଖ ଦୋକାନରୁ ବିସ୍କୁଟ କିଣି ତାକୁ ଦିଏ, ସେ ବିସ୍କୁଟ ଖାଇବା ପାଇଁ ମତେ ଗୋଡ଼ ମାରେ, ମୋ ଉପରକୁ ଉଠି ଆସେ। ମୁଁ ଆଜି ଘରକୁ ଫେରିଲା ପରେ ଅନ୍ୟ କୁକୁରମାନେ ଆସିଲେ କିନ୍ତୁ ସେ ମତେ ଯେମିତି ଭଲ ପାଉଥିଲା ତାହା ମୁଁ ଅନ୍ୟମାନଙ୍କ ଠାରୁ ପାଇଲିନି। ମତେ ବହୁତ୍ କଷ୍ଟ ଲାଗିଲା, କାନ୍ଦ ବି ଲାଗିଲା। ଆମେ ଦୁହେଁ ଏକ ଅଦୃଶ୍ୟ ବନ୍ଧନରେ ବାନ୍ଧି ହେଇଯାଇଥିଲୁ। ମୋ ପ୍ରତି ତା'ର ଯେଉଁ ନିସ୍ୱାର୍ଥପର ଭଲପାଇବା ତାହା ବର୍ତ୍ତମାନ ମତେ ଏତେ କଷ୍ଟ ଦଉଚି ତାକୁ ମୋ ଛଡା କେହି ଅନୁଭବ କରି ପାରିବେନି। ଆମକୁ ଯିଏ ଏତେ ଭଲ ପାଉଥାଏ ଆମେ କାର୍ଯ୍ୟବ୍ୟସ୍ତତା କିମ୍ବା ଅନ୍ୟ କେଉଁ କାରଣ ଯୋଗୁଁ ତାକୁ ଭୁଲି ଯାଇଥାଉ। ଅଥଚ ସେ ଆମପାଖରୁ ଦୂରେଇଗଲେ ତାକୁ ଝୁରି ହେଉ। ତା'ର ସାନ୍ନିଧ ଆବଶ୍ୟକ କରୁ। ସେତେବେଳକୁ ସେ ଆମ ପାଖରୁ ବହୁତ ଦୂରକୁ ଚାଲି ଯାଇଥାଏ।

ଫୋନ-୯୪୩୮୫୦୦୪୫୫

## ପାର୍ବଣର ଦୁହିତା

ବିମଳ ଚାନ୍ଦ ପଟ୍ଟନାୟକ

ସେଦିନ ଥାଏ ମୂଳା ଅଷ୍ଟମୀ। ଆଉ ମାତ୍ର ପନ୍ଦର ଦିନ ପରେ ପାର୍ବଣରେ ମାଁ ଆସିବେ ଶାରଦୀୟ ସମ୍ଭାର ନେଇ। ପୁରପଲ୍ଲୀରୁ ଆରମ୍ଭ କରି ସହର-ନଗର ଚଳଚଞ୍ଚଳ, ମାଁଙ୍କୁ ସ୍ୱାଗତ କରିବା ପାଇଁ। ସମସ୍ତ ଦେବୀ ମନ୍ଦିରରେ ଏବେ ଷୋଡଶ ଉପଚାରରେ ମାଁ ପୂଜିତା ହେଉଥାଆନ୍ତି। ସମସ୍ତଙ୍କର ସେଇ ଗୋଟିଏ ଦିନକୁ ଅପେକ୍ଷା ଯେ କେବେ ଆସିବ ମହାଷ୍ଟମୀ ଆଉ ସିଂହବାହିନୀ, ଦଶଭୁଜଧାରିଣୀ, ମହିଷାମର୍ଦ୍ଦିନୀ, ଜଗଦଜନନୀ ଉଭା ହେବେ ଘରେଘରେ ପୁରେପୁରେ, ଜଗତଜନଙ୍କୁ ପୁଣି ଥରେ ଜଣେଇଦେବାକୁ, 'ହେ ମୋର ସନ୍ତାନଗଣ, ପାପଭାରରେ ଭାରାକ୍ରାନ୍ତ ହୁଅନାହିଁ। ନଚେତ ମୋତେ ବାରବାର ମର୍ଦ୍ଦିନୀ ରୂପ ଧାରଣ କରିବାକୁ ପଡିବ।' ଆଜି ଭୈରବୀପାଟଣାର ପ୍ରସିଦ୍ଧ ମାଁ ଭୈରବୀଙ୍କ ପୀଠରେ ମଧ ଅନୁରୂପ ମୂଳାଷ୍ଟମୀ ପୂଜା ଆରମ୍ଭ ହେଇଥାଏ। ପୁରୋହିତମାନେ ମନ୍ତ୍ର ଉଚ୍ଚାରଣ ସହିତ ଦେବୀଙ୍କ ଧରାବତରଣ ପାଇଁ ଅର୍ଚ୍ଚନାରେ ଲାଗିପଡିଥାନ୍ତି। ମନ୍ଦିରର ଶୋଧନ କରାଯିବା ସହିତ ଆଗାମୀ ଦଶହରା ପାଇଁ ଖୁବ ଆଡମ୍ବରରେ ସାଜାସଜ୍ଜା କରାଯାଇଥାଏ। ମନ୍ଦିରର ଟ୍ରଷ୍ଟି ସମେତ ସମସ୍ତ ଗ୍ରାମବାସୀ ଅତ୍ୟନ୍ତ ଉତ୍ସାହର ସହିତ ନିଜ ନିଜ ଦାୟିତ୍ୱ ତୁଲାଉଥାଆନ୍ତି। ଗାଁକୁ ବନ୍ଧୁବାନ୍ଧବଙ୍କ ଆଗମନ ଆରମ୍ଭ ହେଇସାରିଥାଏ। ଷୋଡଶ ଉପଚାରର ପହିଲି ସନ୍ଧ୍ୟାରେ ସନ୍ଧ୍ୟା ଆଳତି ନିମିତ୍ତ ଗାଁସାରା ଲୋକ ଠୁଳ ହୋଇଥାନ୍ତି। ପ୍ରାଚୀନର ମନ୍ଦିରଟି ଆଧୁନିକ ଆଲୋକ ସଜ୍ଜାରେ ଅପୂର୍ବ ମନୋରମ ଦେଖାଯାଉଥାଏ। ବ୍ରିଟିଶ ଅମଳରେ ମନ୍ଦିରରୁ ସମସ୍ତ ଅଳଙ୍କାର ସମେତ ଦେବୀଙ୍କ ମୂର୍ତ୍ତି ଚୋରି ହେଇଯିବାପରେ, ଗାଁ ପ୍ରତି ଅଶୁଭ ସୂଚନା ବୋଲି ତଥା ବିନା ଠାକୁରାଣୀରେ ମାଁଙ୍କ ପୂଜା ପ୍ରାୟ ପଚାଶବର୍ଷ ବନ୍ଦ ହେଇଯାଇଥିଲା। ପରବର୍ତ୍ତୀ ସମୟରେ କିଛି ବିଜ୍ଞପ୍ରାଜ୍ଞ ଲୋକଙ୍କ ପରାମର୍ଶ ନେଇ ଆଜକୁ ପ୍ରାୟ ଚାଳିଶ ବର୍ଷ ପୂର୍ବେ ମନ୍ଦିରର ନୂତନ ଦେବୀମୂର୍ତ୍ତି ସ୍ଥାପନ କରାଯାଇ ନବକଳେବର କରାଯାଇଥିଲା। ସେଦିନ ଥିଲା ମୂଳାଷ୍ଟମୀ । ଅନ୍ୟ ପ୍ରକାରେ କହିବାକୁ ଗଲେ ଆଜି ମନ୍ଦିରର ପ୍ରତିଷ୍ଠା ଦିବସ ବି କୁହାଯାଇପାରେ। ଘଣ୍ଟ, ଘଣ୍ଟା, ଖୋଳ ମାଦଳରେ କ୍ରମଶଃ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇ ଉଠୁଥାଏ। ଧୂପଦୀପ ସହିତ ଝୁଣାର ମହକ ଚଉଦିଗକୁ ବିସ୍ତରିତ ହେଉଥାଏ। ସମସ୍ତେ ଆଳତି ଦେଖିବାକୁ ବ୍ୟଗ୍ର ଥିଲାବେଳେ, ମନ୍ଦିରର ତଳ ପାହାଚରେ ଜଣେ ବୃଦ୍ଧ ବସିରହି ଏକ ଲୟରେ ଗର୍ଭଗୃହକୁ ଅନାଇଥାନ୍ତି। ତାଙ୍କ ପାଖଦେଇ ଯାଉଥିବା କୌଣସି ଲୋକର ସତେ ଯେମିତି ତାଙ୍କପ୍ରତି ନିଘା ହିଁ ନଥାଏ। ତାଙ୍କ ବେଶଭୁଷା ତଥା କଳେବରରୁ ବୋଧେ ସମସ୍ତେ ଭିକାରୀ କି ଆଉ କଣ ଭାବୁଥାନ୍ତି। କ୍ରମଶଃ ମନ୍ଦିରର ଗହଳି ବଢ଼ି ଚାଲିଲା। ଆଳତି ସମ୍ପନ୍ନ ହେଲାବେଳକୁ ସତେ ଯେମିତି ଠାକୁରାଣୀଙ୍କ ମୁଖମଣ୍ଡଳରୁ ଏକ ଅପୂର୍ବ ଆଭା ବିଚ୍ଛୁରିତ ହେଉଥିଲା। ସମସ୍ତ ଭକ୍ତ ଦଣ୍ଡାୟମାନ ହେଇ ଆଳତିଶିଖାକୁ ହାତ ବଢ଼ାଇ ମୁଣ୍ଡରେ ଛୁଇଁଲା ବେଳକୁ ସେଇ ବୃଦ୍ଧ ଜଣକ କିନ୍ତୁ ତାଙ୍କ ଜାଗାରେ ସେମିତି ଅବିଚଳିତ ବସିଥାଆନ୍ତି। ଆଳତି ପରେ ପ୍ରସାଦ ସେବନ ପର୍ବ ଚାଲିଥାଏ। ଧୀରେଧୀରେ ଭକ୍ତଗଣ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥାନ୍ତି। କିଛି ଦୟାଳୁ ଭକ୍ତ ମାଁଙ୍କ ପ୍ରସାଦରୁ କିଛି ସେଇ ବୃଦ୍ଧଙ୍କୁ ଯାଚିବାରୁ ସେ ପ୍ରସାଦ ଗ୍ରହଣ ନକରି ସିଧା ଚାଲିଲେ ମନ୍ଦିର ଭିତରକୁ। ପ୍ରଥମେ ନାଟ ମଣ୍ଡପ ତା'ପରେ ଭୋଗବେଢ଼ା କୁ ଅତିକ୍ରମ କରି ସିଧା ଯାଇ ଠିଆ ହେଲେ ଗର୍ଭଗୃହରେ, ମାଁଙ୍କ ସାମ୍ନାରେ। ପଛପଟୁ ଅନେକ ଭକ୍ତ ସମେତ ପୂଜକ ମଧ ପାଟି କରୁଥିଲେ। ବୋଧହୁଏ କାହାରି ଆକଟ, କୌଣସି କଟକଣା ତାଙ୍କୁ କାଟୁ କରୁନଥାଏ। ସମସ୍ତେ ହାଁ ହାଁ ବୋଲି ପାଟି କଲା ଭିତରେ ବୃଦ୍ଧ ଜଣକ ନିଜର ଦୁଇହାତକୁ ଟେକିଦେଇ ଥୋଇଦେଲେ ମାଁ ଭୈରବୀ ଠାକୁରାଣୀଙ୍କ ମଥା ଉପରେ। ହଠାତ ମନ୍ଦିର ପରିସର କୌଣସି ଗୋଟିଏ ଅଘଟଣ ଘଟିଲା ସଦୃଶ ଜନଗହଳିରେ ପରିପୂର୍ଣ୍ଣ ହେଇଗଲା। ଦୁଇଜଣ ପୂଜକ ବୃଦ୍ଧ ଜଣକୁ ଟାଣିଟାଣି ଆଣି ମନ୍ଦିର ପରିସର ବାହାରକୁ ଠେଲିଦେବା ସହିତ ଗାଳିଗୁଲଜ କରିବାକୁ ଲାଗିଲେ। ଗାଁଟା ସାରା ଲୋକ କିଛି ଗୋଟେ ମହାବିପତ୍ତିର ଆଶଙ୍କା କରି ପ୍ରମାଦ ଗଣୁଥିଲେ। କିଛି ଆତ୍ମଘୋଷିତ ସ୍ୱେଚ୍ଛାସେବୀ ଟୋକାଦଳ ବୃଦ୍ଧ ଜଣକୁ ଏକରକମ ଉଠାଇନେଇ ଗାଁ ମୁଣ୍ଡର ବରଗଛ ଚାନ୍ଦିନୀ ପାଖରେ ଛାଡିଦେଇ ଯଥାଶୀଘ୍ର ଗାଁ ଛାଡି ଚାଲିଯିବାକୁ ଧମକାଇ ଫେରି ଆସିଲେ। ବୃଦ୍ଧଟି କୌଣସି ପ୍ରତିକ୍ରିୟା ନଦେଖାଇ ସେମିତି ଚୁପ ରହିଲେ। କିଛି ସମୟ ପରେ ସେ ସ୍ଥାନ ଶୁନଶାନ ହେଇଯିବା କ୍ଷଣି ପାଖରେ ଥିବା ଘରୁ ଜଣେ ମହିଳା ଆସି ବୃଦ୍ଧଙ୍କୁ କିଛି ଖାଇବା ଆଣିଦେଲେ। ବୃଦ୍ଧ ମଧ୍ୟ ତୃପ୍ତିର ସହିତ ଖାଦ୍ୟ ସେବନ କରି ମହିଳାଟିର ମଥା ଉପରେ ହାତରଖି ଆଶୀର୍ବାଦ କଲେ। ମହିଳା ଜଣକ ତୁରନ୍ତ ପଚାରିଲେ, 'ବାବା ଆପଣ ଆଜି ମନ୍ଦିରରେ ଏମିତି ଅଘଟଣ କାହିଁକି ଘଟାଇଲେ ? ' ବୃଦ୍ଧ ଜଣକ କହିଲେ, 'ଆଲୋ ଝିଅ ମୁଁ କେତେବେଳେ ଅଘଟଣ ଘଟେଇଲି ? ମୁଁ ତ ମୋ ଝିଅକୁ ଆଶୀର୍ବାଦ କରୁଥିଲି, ଏଇନେ ତୋତେ ଯେମିତି ଆଶୀର୍ବାଦ କଲି। ବାପା ହୋଇ ଝିଅକୁ ଆଶୀର୍ବାଦ କରିବା କଣ ଭୁଲ ?'- ହେଲେ ବାବା ମାଁ ଠାକୁରାଣୀ ତମର ଝିଅ ହେଲେ କେମିତି ? ସିଏ ପରା ସାରା ଜଗତର ଜନନୀ! ସେ ହିସାବରେ ତ ଆପଣ ତାଙ୍କର ସନ୍ତାନ! - ଆଲୋ ମାଁ ସେ ହେଇଥିବ ସମସ୍ତଙ୍କର ଜନନୀ। ମୋର କିନ୍ତୁ ସେ ଝିଅ। ଆରେ ଆଜକୁ ଚାଳିଶବର୍ଷ ତଳେ ଏଇ ଗାଁ ମହଜନ ଡାକରାରେ ପରା ମୁଁ ଆସିଥିଲି ତମରି ଗାଁ କୁ। ଆଉ ମୋର ଏଇ ହାତରେ ମୋ ଝିଅର ମାନେ ତମ ଠାକୁରାଣୀ ମାଁର ପ୍ରତିମା ଗଢିଥିଲି ମୁଗୁନି ପଥରରେ। ଦୀର୍ଘ ଦିନ ପରେ ଆଜି ଟିକିଏ ଆଶୀର୍ବାଦ କରି ତା ମଥା ଛୁଇଁଦେଇ ମୁଁ କି ପାପ କରିଦେଲି ଯେ? ମୋରବଳ ବୀର୍ଯ୍ୟ ସବୁ ସରିଗଲା ପରେ ତମେମାନେ ମୋତେ ଚିହ୍ନନ୍ତ କିପରି? ଆଉ ସେ ସମୟର ଲୋକ ଆଉ ଏଇ ଗାଁରେ କଣ ଅଛନ୍ତି ଯେ ମୋତେ ଜାଣନ୍ତେ? କଥାଟି ଶୁଣୁଶୁଣୁ ମହିଳା ଜଣକ ଆଶ୍ଚର୍ଯ୍ୟ ହେଇ ପଚାରିଲେ, 'ବାବା ଆପଣ ତାହେଲେ ଆମ ଭୈରବୀ ମାଁଙ୍କ ମୂର୍ତ୍ତୀ କାରିଗର! ଆମ ମାନଙ୍କ ଦ୍ୱାରା ଗୋଟିଏ ବଡ ଭୁଲ ହେଇଗଲା ବାବା।' ତୁରନ୍ତ ମହିଳାଜଣଙ୍କ ଗ୍ରାମବାସୀଙ୍କୁ ଜଣାଇବାକୁ ସେଠାରୁ ଚାଲିଗଲେ। କଥାଟି ପବନ ବେଗରେ ଚାରିଆଡେ ପ୍ରଘଟ ହେଇଗଲା। ଗାଁ ର ବୃଦ୍ଧ ମହାଜନଙ୍କ କାନରେ ଏକଥା ପଡିବା କ୍ଷଣି ସେ ମନ୍ଦିର ଟ୍ରଷ୍ଟିଙ୍କୁ ଏକାଠି କରି ବୃଦ୍ଧଙ୍କ ଉଦ୍ଦେଶ୍ୟରେ ବରଗଛ ଆଡକୁ ମୁହାଇଲେ। ସମସ୍ତେ କ୍ଷମା ମୁଦ୍ରାରେ ବୃଦ୍ଧଙ୍କ ପାଖକୁ ଆସି ଅନେକ ନେହୁରା ହେଇ ମନ୍ଦିର ନିକଟକୁ ଫେରିଯିବାକୁ ଅନୁରୋଧ କରୁଥିଲେ। ହେଲେ ବୃଦ୍ଧ ଜଣକ ସେଇ ବୁଢ଼ା ବରଗଛ ଗଣ୍ଡିରେ ଆଉଜି ହେଇ ସେମିତି ଏକଲୟରେ ଆକାଶକୁ ଅନାଇ ରହିଥିଲେ, 'ନିରବ ନିଶ୍ଚଳ '। ଆଉ ହସ୍ତଯୁଗଳ ତାଙ୍କର ଉଠିରହିଥିଲା ଆଶୀର୍ବାଦ ମୁଦ୍ରାରେ, ଭୈରବୀ ମନ୍ଦିର ଆଡକୁ।

ରାୟଗଡ଼
ଫୋନ-୭୦୦୮୨୩୨୬୦୬

## ମାଆ'ର ପ୍ରତିରୂପ



'ବାପା ମୁଁ ଯାଇ ପାରିବି ନାହିଁ। ଦୋକାନରେ କୌଣସି ପିଲା ରହିବେନି କାଲି !'
ସାନ ପୁଅ ରୋକଠୋକ ନିଜ ନିଷ୍ପତ୍ତି ଶୁଣାଇଦେଇ ଦୋକାନ ବାହାରି ଗଲା ତା ସହ ପରାମର୍ଶ ବି ଦେଇ ଗଲା
'ତୁମେ ଚାଲିଗଲେ ବି ତ ହୁଅନ୍ତା'
ରବିବାବୁ ଭାବୁଥିଲେ ଯେହେତୁ ଛୁଟିମିଳୁନି ବୋଲି ଆଗରୁ ବଡ଼ପୁଅ ମନା କରି ସାରିଥିଲା ଏଣୁ ସେଇୟା ହିଁ କରିବାକୁ ପଡିବ ଆଉ ତ ଉପାୟ ନାହିଁ ସେପଟେ ଝିଅ ଯେ ବାଟ ଦେଖୁଥିବ । ଭାରି ଖରାପ ଲାଗୁଥିଲା ରବି ବାବୁଙ୍କୁ। ନିଜ ଶଶୁର ଘର ପାଇଁ କେବେ ବି ସମୟର ଅଭାବ ନ ଥିବା ପୁଅମାନଙ୍କ ପାଖରେ ନିଜ ଭଉଣୀପାଇଁ ଦିନଟିଏ ମିଳୁନି। ସୋମା ଜାଣିଲେ କଣ ଭାବିବ? ଯଦି ଜାଣିବ ଯେଉଁ ବଡ଼ ନନା, ସାନ ନନା ଙ୍କୁ ସେ ଏତେ ଭଲ ପାଏ ସେମାନଙ୍କ ତା'ପ୍ରତି ଭଲ ପାଇବା କେତେ ?
ଦଶହରା ମାସରେ ଝିଅଜ୍ୱାଇଁଙ୍କୁ ନିଉତା ଦେବାର ପରମ୍ପରାକୁ ତ ପାଳନ କରିବାକୁ ପଡିବ । ଆଗରୁ ସବୁବେଳେ ସେ ନିଜେ ଯାଉଥିଲେ କିନ୍ତୁ ସୁନନ୍ଦା ଗଲା ପରେ ଆଉ ଦେହ ଭଲ ରହୁନି କି ମନ ବି ଭଲ ରହୁନି ଏଣୁ କିଛି ବର୍ଷ ହେବ ପୁଅ ମାନେ ଯାଉଛନ୍ତି !
ଝିଅର ଶ୍ୱଶୁର ଘର ସମ୍ବଲପୁର କିନ୍ତୁ ଝିଅ ବାରିପଦାରେ ରହେ । ଜ୍ୱାଇଁ ଅନୁଭବ ସେଇଠି ବ୍ୟାଙ୍କରେ କିରାଣୀ ଅଛନ୍ତି । ବ୍ୟାଙ୍କ ଚାକିରୀରେ ଛୁଟି କମ ପୁଣି କଠିନ ଡିଉଟି । କାର୍ଯ୍ୟଦିବସରେ ନିଜ ପାଇଁ ବି ସମୟ ମିଳେନି ଏଣୁ ଛୁଟି ଦିନ ରେ ହିଁ ଯିବା ପାଇଁ ସ୍ଥିର କଲେ ସେ । ସୋମା ସହ ଫୋନରେ କଥା ହୋଇ ବଡ଼ ବୋହୁକୁ ନିଜ ନିଷ୍ପତ୍ତି ଜଣାଇ ଦେଇ ଯିବା ପାଇଁ ପ୍ରସ୍ତୁତିରେ ଲାଗି ପଡିଲେ ରବି ବାବୁ।
ପ୍ରସ୍ତୁତ ତ ହେଉଥିଲେ କିନ୍ତୁ ମନେ ମନେ ଭୟ ବି ଲାଗୁଥିଲା । ଭାବୁଥିଲେ ଯାଇକି ଆସିପାରିବେ ତ ସେ ?
ଏଇ କିଛି ଦିନ ହେବ ଦେହ ବି ମୋଟେ ଭଲ ରହୁନି ଥଣ୍ଡା କାଶ ସହ ମଝିରେ ମଝିରେ ପୁରୁଣା ଶ୍ୱାସରୋଗ ଟା ତାର ପ୍ରକୋପ ଦେଖାଉଛି । କେତେବେଳେ ଛିଙ୍କ ହେଉଛି ତ କେତେବେଳେ ନାକ ବନ୍ଦ ହେଉଛି । ରାତି ସାରା ଉଠିବା ବସିବା ଲାଗିରହେ ନିଜ ଘରେ ଥିଲେ କଥା ଅଲଗା ଝିଅ ଘରେ ଏମିତି ତ ରହି ହେବନି ଏଣୁ ସକାଳୁ ଯାଇ ସନ୍ଧ୍ୟାକୁ ଫେରି ଆସିବା ପାଇଁ ଠିକ କଲେ ରବି ବାବୁ ।
ସୁନନ୍ଦା ଥିବା ବେଳେ ତାଙ୍କ ଦେହପା କଥା ସେ ହିଁ ବୁଝୁଥିଲେ ଏବେ ନିଜେ ହିଁ ବୁଝିବାକୁ ପଡୁଛି । ଦରକାର ନ ପଡିଲେ ପୁଅ ମାନଙ୍କୁ କହନ୍ତିନି ସେ ନିଜେ ନିଜେ ଔଷଧପତ୍ର ଆଣି ଖାଇ ଦିଅନ୍ତି । ବଡ଼ ବୋହୁ ଯାହା ଟିକିଏ ଯତ୍ନନିଏ ତାଙ୍କର । ଦରକାର ପଡ଼ିଲେ ଗରମ ପାଣି ଟିକେ କରିଦିଏ ।
ବାରିପଦା ପ୍ରାୟ ତିନିଘଣ୍ଟାର ବାଟ, ସିଧା ବସ । ନାତୁଣୀ ପାଇଁ ଏକ ଭଲ ଖେଳଣା, ଝିଅ ଭଲ ପାଉଥିବା କଳାକନ୍ଦ ଗୋଟିଏ କିଲୋ ନେଇ ବାରିପଦା ବସଷ୍ଟାଣ୍ଡରେ ଓଲ୍ହାଇବା ମାତ୍ରକେ ନଜର ପଡିଲା ଜ୍ୱାଇଁ ଅନୁଭବଙ୍କ ଉପରେ । ବସକୁ ଅପେକ୍ଷା କରିଥିଲେ ସେ । ପାଦ ଛୁଇଁ ନମସ୍କାର କରି ବ୍ୟାଗକୁ ନେଇ ବାଇକରେ ରଖିଦେଲେ ଅନୁଭବଙ୍କ ଆଗ୍ରହକ୍ରମେ ସେଇଠି ଚା ଖାଇ ଘରକୁ ଆସିଗଲେ ସେମାନେ ।
ସୋଫାରେ ବସୁ ବସୁ ଧାଇଁ ଆସିଲା ସୋମା ।
ନାତୁଣୀ ଲିପୁନ ଆସି କୋଳରେ ବସି ପଡିଲା । ପ୍ରାୟ ଛଅମାସ ପରେ ବାପାଙ୍କୁ ଦେଖୁଥିବା ସୋମା ପାଖରେ ବସିଗଲା । ଅଭିଯୋଗର ସୁଅ ଛୁଟି ଥିଲା
'ବାପା ଏ କଣ ଅବସ୍ଥା କରିଛ? ଦେହର ଯତ୍ନ ନେଉନ କାହିଁକି ? ଔଷଧ ଖାଉଛ କି ନାହିଁ ? ଦେଖ ତ ଆଖି କେମିତି ପଶି ଯାଇଛି ଗଳା ବସିଯାଇଛି। ତୁମ କଥା କେମିତି ଅଲଗା ଅଲଗା ଶୁଭୁଛି ଏମିତି ଅବସ୍ଥାରେ କାହିଁକି ଆସିଲ ତୁମେ? ନନାକୁ ତ ପଠେଇ ଦେଇଥାନ୍ତ ବାପା'
'ନା ରେ ମା ମୋର କିଛି ହୋଇନି ଏଇ ସାମାନ୍ୟ ଥଣ୍ଡା ଟିକିଏ ବଢ଼ି ଯାଇଛି ତୁ ପ୍ରସ୍ତୁତ ହୋଇଯା ଚାରିଟାରେ ଶେଷବସ ଅଛି ଆମେ ସେଥିରେ ଯିବା ତୁ ଗଲେ ମିଶିକି ଡାକ୍ତରଙ୍କ ପାଖକୁ ଯିବା କହୁଥିଲେ ରବି ବାବୁ କିନ୍ତୁ ମାନି ନ ଥିଲା ସୋମା। ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଯାଞ୍ଚ କରୁ କରୁ କହିଥିଲା
'ବାପା ଏଠି ଜଣେ ବହୁତ ଭଲ ଡାକ୍ତର ଅଛନ୍ତି,'ପୁଣି ଅନୁଭବଙ୍କୁ କହିଥିଲା ତୁମେ ଏବେ ଡାକ୍ତର ମହାନ୍ତିଙ୍କୁ ଫୋନ କର ଆଜି ବାପାଙ୍କୁ ଦେଖେଇ ଦେବା'
'ନା ନା କିଛି ଦରକାର ନାହିଁରେ ମା' ଗଲାପରେ ସେଠି ଦେଖେଇବା'
'କହୁଥିଲେ ରବିବାବୁ କିନ୍ତୁ ଶୁଣି ନ ଥିଲା ସୋମା । ବହୁତ କହିବା ପରେ ଶେଷକୁ ତାକୁ ବହୁ କଷ୍ଟରେ ରାଜି କରେଇ ଥିଲେ ସେ। ଶେଷକୁ ସୋମା କହିଥିଲା
'ଠିକ ଅଛି ବାପା ତୁମେ ବିଶ୍ରାମ କର ଚାରିଟା ବସରେ ଯିବା'
ଚାରିଟା ହେବାକୁ ଆଉ ଅଳ୍ପ ସମୟ ବାକି ଥିଲା ସମସ୍ତେ କେତେବେଳୁ ଖାଇ ସାରିଥିଲେ ଜିନିଷପତ୍ର ବି ଭରା ଭରି ସରିଥିଲା । ପ୍ରାୟ ଘଣ୍ଟାଏ ଆଗରୁ ଏଇ ଆସୁଛି କହି ଯାଇଥିବା ଅନୁଭବ କିନ୍ତୁ ଆସୁ ନ ଥିଲେ । ଭାରି ବ୍ୟସ୍ତ ଲାଗୁଥିଲା ରବି ବାବୁଙ୍କୁ ସେ ଏଇଠି ରାତିରେ ରହିବା ପାଇଁ ଚାହୁଁ ନ ଥିଲେଜମା। କାରଣ ସେ ଔଷଧ ପେଟି ଆଣି ନ ଥିଲେ ରାତିରେ ଯଦି ଶ୍ୱାସ ତାର ପ୍ରକୋପ ଦେଖାଇ ଦିଏ ତାହେଲେ ସମସ୍ତଙ୍କୁ ହଇରାଣ ହେବାକୁ ପଡିବ ଆଉ ସୋମା ବି ଘର ଯିବା ଛାଡି ସିଧା ତାଙ୍କୁ କଟକ ନେଇ ଯିବ ।
ଚାରିଟା ବସ ଛାଡିଦେଲେ ଆଉ ଗାଁକୁ ବସ ନାହିଁ ଏଣୁ ଶୀଘ୍ର ଆସିବା ପାଇଁ ଅନୁଭବଙ୍କୁ ଫୋନ କରିବାକୁ ସୋମାକୁ କହିବା ପାଇଁ ଉଠୁଥିଲେ ସେ କିନ୍ତୁ ଆସିଗଲେ ଅନୁଭବ । ବାହାରେ ବାଇକ ଶବ୍ଦରୁ ଜାଣିଗଲେ ସେ । ଆଶ୍ୱସ୍ତି ଲାଗିଲା କିନ୍ତୁ ପୁଣି ଚିନ୍ତିତ ହେବାକୁ ପଡିଲା ତାଙ୍କୁ। କାରଣ ଅନୁଭବ ଏକା ନ ଥିଲେ ତାଙ୍କ ସହ ନିଶ୍ଚୟ ଡାକ୍ତର ମହାନ୍ତି ଥିଲେ । ହାତରେ ଥିବା ଷ୍ଟେଥୋରୁ ଅନୁମାନ କରୁଥିଲେ ସେ !
ତାଙ୍କ କଥା ଆଉ କେହି ଶୁଣି ନ ଥିଲେ। ସବିଶେଷ ଯାଞ୍ଚ କରି ଔଷଧ ଲେଖୁଥିଲେ ଡାକ୍ତର । ଆସନ୍ତା କାଲି ଛାତି ଏକ୍ସରେ ଓ ଆଉ କିଛି ପରୀକ୍ଷା ପାଇଁ ପରାମର୍ଶ ଦେଇ ଅନୁଭବ ସହ ଚାଲିଗଲେ ସେ । ସେମାନେ ଯିବା ପରେ ଘଡିକୁ ଦେଖିଲେ ରବି ବାବୁ ବସ ସମୟ ଗଡି ଯାଇଥିଲା
ପାଖରେ ବସି ଥିବା ଚିନ୍ତିତ ସୋମାକୁ କହିଲେ
'ଆମେ ଯାଇଥିଲେ ଭଲ ହୋଇଥାନ୍ତା ମା। ତୁ ମୋତେ ମିଛ କହିଲୁ'
'ହଁ ବାପା ମିଛ କହିଲି । ଆଉ ଏ ମିଛ ସେ ମିଛର ବଦଳରେ କହିଲି ଯେଉଁ ମିଛ କହି ମୁଁ ଛୋଟ ଥିବା ବେଳେ ତୁମେ ମୋତେ ଡାକ୍ତର ଖାନା ନେଉଥିଲ, ଯେଉଁ ମିଛ ମୁଁ ନ ଖାଇଲେ କହୁଥିଲ, ଯେଉଁ ମିଛ କହି ମୋତେ ସତ କହିବା ଶିଖେଇ ଥିଲ ! ଆଜି ଛୋଟ ମିଛଟିଏ କହିଛି ବାପା ନ ହେଲେ ମୁଁ ଜାଣିଥିଲି ତୁମେ ଡାକ୍ତର ଆସୁଛନ୍ତି ଜାଣିଥିଲେ ଜିଦି କରି ଆଗରୁ ଯିବା ପାଇଁ ବାଧ କରିଥାନ୍ତ । ବାପା ମୋତେ କ୍ଷମା କରି ଦେବ ତୁମେ ଭଲ ଥିବ ବାପା, ମା ଗଲା ପରେ ତୁମେ ହିଁ ତ ଆମର ସବୁକିଛି
'ଆଖିରୁ ଲୁହ ପୋଛି ବାପାଙ୍କ ମୁଣ୍ଡକୁ ଆଉଁସି ଆଣୁଥିଲା ସୋମା
ରବି ବାବୁ ନିଜ ଛଳ ଛଳ ଆଖିରେ ଦେଖୁଥିଲେ ସୋମାକୁ ଲାଗୁଥିଲା ତାଙ୍କ ମା ଆସି ଯାଇଛି ! ତାର ସେ ଯାଦୁକରୀ ହାତରେ ଆଉଁସି ଆଣୁଛି ତାଙ୍କ ସର୍ବାଙ୍ଗକୁ ! ସେ ଫେରି ଯାଇଛନ୍ତି ପଚାଶ ବର୍ଷ ତଳକୁ ଯେମିତି !!!

ଶିବାଶିଷ ପାଢ଼ୀ
ହେମଗିର, ସୁନ୍ଦରଗଡ଼-୧୩
୯୭୭୮୧୭୪୯୭୮

## ପ୍ରକୃତି

ସନ୍ତୋଷ ମିଶ୍ର

ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ ଯୋଗଦେବାର ପରଦିନ ବଡପଥରା ହାଇସ୍କୁଲ ପରିଦର୍ଶନ କଲେ ସୂର୍ଯ୍ୟକାନ୍ତ। । ପ୍ରଧାନ ଶିକ୍ଷକ ତାଙ୍କୁ ପାଛୋଟି ନେଇ ନିଜ ସିଟରେ ବସାଇଲେ। ନିଜେ ପାର୍ଶ୍ୱରେ ଥିବା ଚେୟାର ଉପରେ ବସିଲେ। ପ୍ରଥମ ସାକ୍ଷାତରେ ସୂର୍ଯ୍ୟକାନ୍ତଙ୍କୁ ଲାଗିଲା ଯେମିତି ପ୍ରଧାନ ଶିକ୍ଷକ ତାଙ୍କର ବହୁ ବର୍ଷର ପରିଚିତ। ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ନିଜନିଜର ପରିଚୟ ଦେଲେ। ପ୍ରଥମେ ପ୍ରଧାନ ଶିକ୍ଷକ କହିଲେ - ମୋ ନାମ ପଦ୍ମଲୋଚନ। ବର୍ଷେ ହେଲା ଏଇ ସ୍କୁଲକୁ ଆସିଚି। ସ୍କୁଲର ସବୁପ୍ରକାର ଉନ୍ନତି ପାଇଁ ଚେଷ୍ଟା କରୁଛି । ସୂର୍ଯ୍ୟକାନ୍ତ ପଚାରିଲେ - ଆପଣ କେଉଁ ସ୍କୁଲରୁ ପ୍ରଧାନଶିକ୍ଷକତା ଆରମ୍ଭ କରିଛନ୍ତି। ସେ କହିଲେ - ରାଡୋ ହାଇସ୍କୁଲରୁ। ଏଥର ସୂର୍ଯ୍ୟକାନ୍ତ ନିଶ୍ଚିତହେଲେ ପଦ୍ମଲୋଚନ ତାଙ୍କ ହାଇସ୍କୁଲ ବେଳର ପ୍ରଧାନ ଶିକ୍ଷକ!!!

ପଦ୍ମଲୋଚନ ସ୍କୁଲ ନିକଟରେ ଘର ଭଡ଼ା ନେଇ ରହୁଥିଲେ। ଗୋରା ତକ୍ ତକ୍ ଚେହେରା, ଗମ୍ଭୀର ମୁହଁରେ ସ୍ମିତହସ। ଧୀର ସ୍ୱରରେ କଥା। ଅତ୍ୟନ୍ତ ଭଦ୍ର ଆଉ ନମ୍ର। ପ୍ରଚୁର ଖାଆନ୍ତି। ବିଶେଷତଃ ମାଛ ଆଉ ମିଠା। ସ୍କୁଲରେ ଯେତେବେଳେ



ଭୋଜି ଭାତ ହୁଏ, ତାଙ୍କ ପାଇଁ ନିଶ୍ଚିତ ମାଛ ଆଉ ମିଠା ବ୍ୟବସ୍ଥା କରା ଯାଇଥାଏ।

ଥରେ ସ୍କୁଲର ଶିକ୍ଷକ ଆଉ ଛାତ୍ରଛାତ୍ରୀମାନେ ଏକ୍ସକର୍ସନ୍ ଯିବା ପାଇଁ ସ୍ଥିର କଲେ। ଲକ୍ଷ୍ୟସ୍ଥଳ ଥିଲା - ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ନନ୍ଦନକାନନ। ପନ୍ଦର ଦିନ ପରେ ସତୁରୀ ଜଣ ଛାତ୍ରଛାତ୍ରୀ; ପ୍ରଧାନ ଶିକ୍ଷକ, ଜଣେ ସହକାରୀ ଶିକ୍ଷକ, ଜଣେ ସହକାରୀ ଶିକ୍ଷୟିତ୍ରୀ ଓ ଦୁଇଜଣ ପିଅନ ଯାତ୍ରାରମ୍ଭ କଲେ। ସ୍କୁଲରୁ ବାଲେଶ୍ୱର ପର୍ଯ୍ୟନ୍ତ ବସରେ। ବାଲେଶ୍ୱର ଠାରୁ ଟ୍ରେନରେ। ବାଲେଶ୍ୱରରେ ଟ୍ରେନ ଦେଖିବା ଏବଂ ତହିଁରେ ଯାତ୍ରା କରିବା ଅଭିଜ୍ଞତା ସମସ୍ତଙ୍କୁ ଉତଫୁଲ୍ଲିତ କରିଥିଲା। କଟକରେ ନାଲି ରଙ୍ଗର ହାଇକୋର୍ଟ, ରେଭେନସା କଲେଜ, ବାରବାଟୀ ଷ୍ଟାଡିୟମ। ଭୁବନେଶ୍ୱରରେ ବିଧାନସଭା ସୌଧ, ଲିଙ୍ଗରାଜ ମନ୍ଦିର। ତାପରେ ଚିରଇପ୍ସିତ ନନ୍ଦନକାନନ। ବହିରେ ଦେଖୁଥିବା ପଶୁପକ୍ଷୀ ଓ ସରୀସୃପଙ୍କୁ ପ୍ରତ୍ୟକ୍ଷ ଭାବେ ଦେଖି ଆନନ୍ଦରେ ବିଭୋର ହୋଇ ପଡ଼ିଥିଲେ ସମସ୍ତେ ।

ପରିଭ୍ରମଣ କାଳ ବେଶ୍ ଉପଭୋଗ୍ୟ ଓ ଆନନ୍ଦଦାୟକ ଥିଲା। ମାତ୍ର ଗୋଟିଏ କଥା ସମସ୍ତଙ୍କୁ ଶକ୍ତ ଆଘାତ ଦେଇଥିଲା। ତାହା ହେଲା - ମଧାହ୍ନ ଓ ରାତ୍ର ଭୋଜନରେ ସମସ୍ତେ କେବଳ ଭାତ ଡାଲମା ଖାଉଥିଲା ବେଳେ, ପ୍ରଧାନ ଶିକ୍ଷକ ଓ ତାଙ୍କ ସ୍ତ୍ରୀ ମାଛ, ମାଂସ, ଅଣ୍ଡା ଏବଂ ପନିର ଇତ୍ୟାଦି ଖାଉଥିଲେ। ଏତେ ପିଲା, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ପିଅନମାନଙ୍କ ସାମ୍ନାରେ ଖାଇବାକୁ ସେମାନଙ୍କୁ ସଙ୍କୋଚ ବି ଲାଗୁନଥିଲା। ସେମାନେ ଆରାମରେ, ନିଶ୍ଚିନ୍ତ ଭାବେ ଆମିଷ ଦ୍ରବ୍ୟ, ନାନା ପ୍ରକାର ମିଠା ଖାଇ ଯାଉଥିଲେ। ଅନ୍ୟମାନେ ନିରୁପାୟ ହୋଇ କେବଳ ଲୋଭିଲା ଆଖିରେ ଚାହିଁ ରହୁଥିଲେ। ପ୍ରଧାନ ଶିକ୍ଷକ ସ୍କୁଲର ମୁଖ୍ୟ। ଘରର ପିତା ସଦୃଶ। ତାଙ୍କର ଏଭଳି ଅବିବେକି ଓ ହୀନ କାର୍ଯ୍ୟ ସମସ୍ତଙ୍କ ମନରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିଥିଲା।

ଫଳ ସ୍ୱରୂପ ସ୍କୁଲକୁ ଫେରିବା ପରେ ଅଭିଭାବକ, ଶିକ୍ଷକ ତଥା ଛାତ୍ରଛାତ୍ରୀ ମାନଙ୍କର ଏକ ମିଳିତ ବୈଠକର ଆୟୋଜନ କରାଯାଇ ପ୍ରଧାନ ଶିକ୍ଷକଙ୍କୁ କେତୋଟି ପ୍ରଶ୍ନ ପଚରା ଯାଇଥିଲା - ୧- ଆପଣ ତଥା ଆପଣଙ୍କ ପତ୍ନୀ ପିଲାମାନଙ୍କ ବାପା ମାଆ ଭଳି। ସେମାନେ ଭାତ ଡାଲମା ଖାଉଥିଲା ବେଳେ ଆପଣମାନେ ମାଛ, ମାଂସ, ମିଠା ଇତ୍ୟାଦି ଖାଉଥିଲେ କିପରି। ଉତ୍ତରରେ ସେ କହିଥିଲେ - ତାହା ମୋର ବ୍ୟକ୍ତିଗତ ଇଚ୍ଛା। ୨- ପିଲାଙ୍କ ମୁରବୀ ହିସାବରେ ଆପଣ ଯାଇଥିଲେ। ଆପଣଙ୍କ ସଙ୍ଗେ ସ୍ତ୍ରୀ ଯିବା ଆପଣଙ୍କ ବ୍ୟକ୍ତିଗତ ବ୍ୟାପାର। ମୁରବୀ ହିସାବରେ ଆପଣ ଯଥାଯଥ କର୍ତ୍ତବ୍ୟ ସମ୍ପାଦନ କରି ନାହାନ୍ତି। ଭାତ ଡାଲମା ମିଲ ହିସାବରେ ଆପଣଙ୍କ ଖାଇବା ଖର୍ଚ୍ଚ ପିଲାମାନଙ୍କ ଚାନ୍ଦାରୁ ଭରଣା କରାଯିବ। ସ୍ତ୍ରୀଙ୍କ ଖର୍ଚ୍ଚ ଆପଣଙ୍କୁ ସ୍ୱୟଂ ବହନ କରିବାକୁ ପଡ଼ିବ। ତଦନୁଯାୟୀ ବଳକା ଅର୍ଥ ଆପଣଙ୍କୁ ଫେରସ୍ତ କରିବାକୁ ପଡ଼ିବ। ଉତ୍ତରରେ ପ୍ରଧାନ ଶିକ୍ଷକ କହିଲେ - ଟଙ୍କାଟିଏ ବି ଦେବି ନାହିଁ। ୩- ଆମେ ସବୁ କିଛି ଭୁଲିଯିବୁ। ଯଦି ଭୁଲ ସ୍ୱୀକାର କରି ଆପଣ ଦୁଃଖ ପ୍ରକାଶ କରିବେ। ପ୍ରଧାନ ଶିକ୍ଷକ ସାମାନ୍ୟ ଉତ୍ତେଜିତ ହୋଇ କହିଲେ - ମୁଁ କିଛି ଭୁଲ କରିନି। ଦୁଃଖ ପ୍ରକାଶ କରିବି କାହିଁକି। ବାସ୍ ତାପରେ ସମସ୍ତ ଛାତ୍ର ଛାତ୍ରୀ ଅଭିଭାବକ ସଭାସ୍ଥଳ ଛାଡି ଚାଲି ଯାଇଥିଲେ।

ପରଦିନ ପ୍ରଧାନ ଶିକ୍ଷକ ଯେଉଁ ଶ୍ରେଣୀକୁ ଶିକ୍ଷାଦାନ କରିବାକୁ ଗଲେ ସେହି ଶ୍ରେଣୀର ପିଲାମାନେ ତାଙ୍କୁ ନମ୍ରତାର ସହିତ କହିଲେ - ସାର, ଆପଣଙ୍କ ପାଖରେ ଆମେ ଆଉ ପାଠ ପଢ଼ିବାକୁ ଚାହୁଁନୁ। ଦୟାକରି ଚାଲିଯାଆନ୍ତୁ। ସେ କହିଲେ - ମୁଁ ଯିବିନି। ପାଠ ପଢାଇବି। ପିଲାମାନେ କହିଲେ - ଠିକ ଅଛି। ଆମେ ତାହେଲେ ଯାଉଛୁ। ଆପଣ ପଢାନ୍ତୁ । ତାପରେ ସବୁ ପିଲାମାନେ ବାହାରକୁ ଚାଲିଗଲେ। ପ୍ରତ୍ୟେକ ଶ୍ରେଣୀରେ ଏହି କାର୍ଯ୍ୟକ୍ରମର ପୁନରାବୃତ୍ତି ସପ୍ତାହେ କାଳ ଚାଲିଲା। ଶେଷରେ ପ୍ରଧାନ ଶିକ୍ଷକ ଅନୁଭବ କଲେ, ସେଠାରେ ଆଉ କାର୍ଯ୍ୟ କରିବା ସମ୍ଭବ ନୁହେଁ। ବାଧ ହୋଇ ତାଙ୍କୁ ସ୍କୁଲ ଛାଡ଼ିବାକୁ ପଡ଼ିଲା।
ହଠାତ୍ ସୂର୍ଯ୍ୟକାନ୍ତଙ୍କ ଚିନ୍ତାଧାରାରେ ବାଧା ଦେଇ ପଦ୍ମଲୋଚନ କହିଲେ - ସାର ହାତ ଧୁଅନ୍ତୁ। ସାମାନ୍ୟ ଜଳଯୋଗ। ସୂର୍ଯ୍ୟକାନ୍ତ ଦେଖିଲେ ତାଙ୍କ ସାମ୍ନାରେ ଗୋଟେ ପ୍ଲେଟରେ ବିଭିନ୍ନ ପ୍ରକାରର ମିଠା । ସେ ପଦ୍ମଲୋଚନଙ୍କୁ ପଚାରିଲେ - ଆପଣ ମିଠା ବହୁତ ଭଲ ପାଆନ୍ତି ବୋଧହୁଏ। ସ୍ମିତ ହସି ସେ କହିଲେ - ସାର ମିଠା ପ୍ରତି ମୋର ଚରମ ଦୁର୍ବଳତା। ପୁଣି ସେ ଉତ୍ସାହିତ ହୋଇ କହିଲେ - ଆଜି ଷ୍ଟାଫ୍ ମାନଙ୍କର ଭୋଜି । ମଧାହ୍ନ ଭୋଜନର ବନ୍ଦୋବସ୍ତ କରାଯାଉଛି। ସୌଭାଗ୍ୟକୁ ଆପଣ ଆସି ପହଞ୍ଚିଛନ୍ତି। ଖାଇସାରି ଯିବେ। ସୂର୍ଯ୍ୟକାନ୍ତ ପଚାରିଲେ - ଆଜି ହଷ୍ଟେଲରେ ଥିବା ପିଲା ମାନଙ୍କୁ କଣ ଖାଇବାକୁ ଦିଆ ଯାଇଚି। ପଦ୍ମଲୋଚନ କହିଲେ - ଭାତ, ଡାଲି ଓ ଭଜା। ସୂର୍ଯ୍ୟକାନ୍ତ ପୁଣି ପଚାରିଲେ- ଆମ ପାଇଁ ମଧାହ୍ନ ଭୋଜନରେ କଣକଣ ଆଇଟମ ଅଛି। ଆନନ୍ଦରେ ଗଦଗଦ ହୋଇ ପଦ୍ମଲୋଚନ କହିଲେ - ମାଛ, ମାଂସ, ଅଣ୍ଡା, ପନିର, ପାୟସ ଓ ପାମ୍ପଡ଼। ସୂର୍ଯ୍ୟକାନ୍ତ କହିଲେ- ବାଃ ଚମତ୍କାର !! ଆଦିବାସୀ ପିଲାମାନଙ୍କୁ ଭାତ, ପଣିଆ ଡାଲି ଦେଇ ତାଙ୍କରି ଟଙ୍କାରେ ଆପଣ ରାଜକୀୟ ଭୋଜିର ଆୟୋଜନ କରୁଛନ୍ତି । ଆପଣଙ୍କର ଯଦି ଖାଦ୍ୟ ପ୍ରତି ଏତେ ଲାଳସା ପିଲାମାନଙ୍କୁ ମାଛ, ମାଂସ, ଅଣ୍ଡା, ପନିର, ପାୟସ୍, ପାମ୍ପଡ଼ ଦେଇ ତାଙ୍କ ସହିତ ବସି ଖାଆନ୍ତୁ। ପିଲାମାନେ ଉତ୍ସାହିତ ହେବେ। ଆପଣ ବି ଖାଦ୍ୟର ମାନ ନିରୂପଣ କରି ପାରିବେ। ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସରକାରଙ୍କ ଠାରୁ ଯଥେଷ୍ଟ ପାରିଶ୍ରମିକ ପାଉଛନ୍ତି। ପିଲାମାନଙ୍କ ଟଙ୍କାରେ ଭୋଜି ଭାତ କରି ଖାଇବାକୁ ଲଜ୍ଜା ଲାଗୁନି। ପିଲାମାନଙ୍କ ପେଟରୁ କାଟି ଭୋଜିଭାତ ଖାଇ ବହୁତ ପାପ ଅର୍ଜନ କଲେଣି। ଏବେ ଚାନ୍ଦା ଟଙ୍କାରେ ସେମାନଙ୍କୁ ମିଠା ପନିର ଆଦି ଖାଇବାକୁ ଦେଇ କିଛି ପୁଣ୍ୟ ଅର୍ଜନ କରନ୍ତୁ। ଶିକ୍ଷକ ପଦର ମର୍ଯ୍ୟାଦା ରକ୍ଷା କରନ୍ତୁ। ଆଦିବାସୀ ପିଲାମାନଙ୍କୁ ନିଜର ପିଲା ଭଳି ଭାବନ୍ତୁ। ଆପଣମାନେ ଯୋଉ ମାତ୍ରାରେ ଅନ୍ୟାୟ କରି ଚାଲିଛନ୍ତି ଭଗବାନ ବି କ୍ଷମା ଦେବେନି। ସୁଧୁରି ଯାଆନ୍ତୁ। ନହେଲେ ଦଣ୍ଡିତ ହେବା ନିଶ୍ଚିତ। ଏତେ ସମୟ ଧରି ନୀରବ ରହିଥିବା ପ୍ରଧାନ ଶିକ୍ଷକ ଏଥର ମୁହଁ ଖୋଲିଲେ - ସାର ଆମେ ହାତରୁ ଚାନ୍ଦା ଦେଇ ଭୋଜି କରୁଚୁ। ସୂର୍ଯ୍ୟକାନ୍ତ କହଲେ - ଚାନ୍ଦା ଦେଇ ନା ଚନ୍ଦେଇ .... କେମିତି କଣ ଭୋଜି କରୁଛନ୍ତି, ମୋତେ ବେଶ୍ ଜଣା ଅଛି। ଆପଣଙ୍କ ସ୍କୁଲକୁ ମୋର ଏହା ପ୍ରଥମ ପରିଦର୍ଶନ। ତେଣୁ କେବଳ ସତର୍କ କରିଦେଇ ଯାଉଚି। ଆସନ୍ତା ମାସରେ ପୁଣି ଆସିବି। ସେତେବେଳେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ। ପ୍ରଧାନ ଶିକ୍ଷକ କହିଲେ - ସାର ଟିଫିନ୍.. ଲଞ୍ଚ... ସୂର୍ଯ୍ୟକାନ୍ତ କହିଲେ - ଛି ଛି ପାଣି ପିଇବାକୁ ଘୃଣା ଲାଗୁଚି...ଲଞ୍ଚ ଆଉ ଟିଫିନ୍ !! ତାପରେ ଉଠି ଆସି ଗାଡ଼ିରେ ବସିଲେ।

ଗାଡ଼ିରେ ଅଫିସ ଫେରୁଥିଲା ବେଳେ ସୂର୍ଯ୍ୟକାନ୍ତ ଭାବୁଥିଲେ - ବାସ୍ତବିକ୍ ସତ କଥା। ପ୍ରକୃତି ନୈବ ମୁଚ୍ୟତେ । ଘୁଷୁରୀ ପ୍ରକୃତି ପଙ୍କରେ ଲୋଟେ... ଶଃ..ଯେତେ ଯାହା କଲେ କୁକୁର ଲାଙ୍ଗୁଡ଼ କଣ ସିଧା ହେବ !!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

# ଆଜି ଭାରତ-ଇଣ୍ଡିଜ୍ ଦ୍ୱିତୀୟ ଟ୍ୱେଣ୍ଟି-୨୦

## ସଞ୍ଜୁଙ୍କୁ ନେଇ ଚିନ୍ତା, ଫେରିବା ଆଶାରେ ବୈଭବ

**ରାଞ୍ଚି**

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟ୍ୱେଣ୍ଟି-୨୦ ପୂର୍ବରୁ ସଞ୍ଜୁ ସାମ୍ସନ୍‌ଙ୍କ ଖରାପ ଫର୍ମ ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ହୋଇଛି। ଫଳରେ ତାଙ୍କ ସ୍ଥାନରେ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କୁ ଅଭିଷେକ ଶର୍ମାଙ୍କ ସହ ଓପନିଂ କରାଇବା ନେଇ ଦଳ ଚିନ୍ତା କରୁଛି। ଶୁକ୍ରବାର ରାଞ୍ଚିରେ ହେବାକୁ ଥିବା ମ୍ୟାଚ୍‌ରେ ଭାରତ ଜିତିଲେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ୨-୦ରେ ଆଗୁଆ ହେବ। ତେବେ ଦଳ ସାମ୍ସନ୍‌ଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି।



ଗତ ୪ ଟ୍ୱେଣ୍ଟି-୨୦ରେ ସାମ୍ସନ୍ ୯, ୭, ୨ ଓ ୧୧ ରନ୍ କରିଛନ୍ତି। ହେଲେ ଅଧିନାୟକ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଭାରତୀୟ ମଧ୍ୟକ୍ରମ ଭଲ କରୁଥିବାରୁ ଏହି ବିଫଳତା ଦଳ ଉପରେ ପ୍ରଭାବ ପକାଇ ପାରିନି। ଗତ ମ୍ୟାଚ୍‌ରେ ଶ୍ରେୟସ ନିଜର ପ୍ରଥମ ଶତକ ହାସଲ କରିବା ସହ ଦଳକୁ ବଡ଼ ବିଜୟ ଦେଇଥିଲେ। ଅନ୍ୟପକ୍ଷରେ ସାମ୍ସନ୍‌ଙ୍କ ଖରାପ ଫର୍ମ ଯୋଗୁଁ ବୈଭବ ପୁଣି ଥରେ ସୁଯୋଗ ଆଶାରେ ଅଛନ୍ତି। ବୈଭବ କମ୍ ସୁଯୋଗ ପାଇଥିଲେ ମଧ୍ୟ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ଏସୀୟ କ୍ରୀଡ଼ାରେ ସେ ଅଭିଷେକଙ୍କ ସହ ଓପନିଂ କରିଥିଲା ବେଳେ ସାମ୍ସନ୍ ତୃତୀୟ ସ୍ଥାନରେ ଖେଳିଥିଲେ। ଭାରତ ଦ୍ରୁତ ବୋଲିଂରେ କିଛିଟା ପରିବର୍ତ୍ତନ କରିପାରେ।

ଲକ୍ଷ୍ନୌରେ ପ୍ରଥମ ଓଭରରେ ମୟଙ୍କ ଯାଦବ ୧୬ ରନ୍ ବ୍ୟୟ କରିଥିଲା ବେଳେ ମଝି ଓ ଶେଷ ଓଭରରେ ମଧ୍ୟ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ସମୟରେ ସେର୍ଫାନ୍ ରଦରଫୋର୍ଡଙ୍କୁ ଆଉଟ୍ କରିଥିଲେ। ହେଲେ ଭାରତ ତାଙ୍କୁ ଚୂଡ଼ାନ୍ତ ଏକାଦଶରୁ ବାଦ୍ ଦେଇ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିବାକୁ ଚିନ୍ତା କରିପାରେ। କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କୁ ନେଇ ସ୍ପିନ୍ ବୋଲିଂ ବାହିନୀ ୱେଷ୍ଟଇଣ୍ଡିଜ୍‌କୁ ଚାପରେ ରଖିଥିଲା। ଏମାନଙ୍କ ସହ ପଦାର୍ପଣକାରୀ ଅଫସ୍ପିନ୍ ଅଲରାଉଣ୍ଡର ନମନ ଧୀର ୩ ୱିକେଟ୍ ନେଇ ଭ୍ରମଣକାରୀ ଦଳକୁ ବଡ଼ ସ୍କୋରର ସୁଯୋଗ ଦେଇ ନଥିଲେ। ତେଣୁ ସ୍ପିନ୍‌ରେ କିଛି ପରିବର୍ତ୍ତନ ହେବାର ଆଶା ନାହିଁ।

ଅନ୍ୟପକ୍ଷରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେଉଛି ବ୍ୟାଟିଂ। ସାଇ ହୋପ୍‌ଙ୍କ ନେତୃତ୍ୱାଧୀନ ଦଳରେ ସିମ୍ରନ୍ ହେଟମାୟର, ରୋଭମାନ୍ ପାୱେଲ, ରଷ୍ଟନ୍ ଚେଜ୍ ଓ ରୋମାରିଓ ସେଫର୍ଡଙ୍କ ଭଳି ଟ୍ୱେଣ୍ଟି-୨୦ ଅଭିଜ୍ଞ ବ୍ୟାଟର ଥିଲେ ମଧ୍ୟ ଦଳ ୧୭୧ ରନ୍‌ରେ ଅଲଆଉଟ୍ ହୋଇଥିଲା। ଦଳକୁ ଜିତିବାକୁ ହେଲେ ବଡ଼ ସ୍କୋର କରିବାକୁ ପଡ଼ିବ। ବୋଲିଂରେ ବାମହାତୀ ସ୍ପିନର ଅକିଲ ହୋସେନଙ୍କ ବାଦ୍ ଅନ୍ୟ ବୋଲର ପ୍ରଭାବହୀନ ରହିବା ଭାରତୀୟ ବ୍ୟାଟରଙ୍କୁ ସୁହାଉଛି।

ଭାରତୀୟ ଦଳ (ସମ୍ଭାବ୍ୟ ୧୧): ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ଈଶାନ କିଶନ (ୱିକେଟ୍‌କିପର), ସଞ୍ଜୁ ସାମସନ୍ (ୱିକେଟ୍‌କିପର)/ବୈଭବ ସୂର୍ଯ୍ୟବଂଶୀ, ତିଲକ ବର୍ମା, ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ/ମୟଙ୍କ ଯାଦବ, ନମନ ଧୀର।

ୱେଷ୍ଟଇଣ୍ଡିଜ୍ ଦଳ (ସମ୍ଭାବ୍ୟ ୧୧): ସାଇ ହୋପ୍ (ଅଧିନାୟକ, ୱିକେଟ୍‌କିପର), କାମିଲ ପୂରଣ, ସିମ୍ରନ୍ ହେଟମାୟର, ରୋଭମାନ ପାୱେଲ, ସେର୍ଫାନ୍ ରଦରଫୋର୍ଡ, ରଷ୍ଟନ ଚେଜ୍, ରୋମାରିଓ ସେଫର୍ଡ, ମ୍ୟାଥ୍ୟୁ ଫୋର୍ଡେ, ସାମାର ସ୍ପ୍ରିଙ୍ଗର, ଅକିଲ ହୋସେନ୍, ସମାର ଯୋସେଫ।

## ବାରବାଟୀରେ ଖେଳାଯିବ ଭାରତ-ଶ୍ରୀଲଙ୍କା ଟି୨୦ ମ୍ୟାଚ୍

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳ ଦିନିକିଆ ବିଶ୍ୱକପ୍ ୨୦୨୭ ପୂର୍ବରୁ ଗୋଟିଏ ପରେ ଗୋଟିଏ ସୀମିତ ଓଭର ବିଶିଷ୍ଟ ସିରିଜ୍ ଖେଳୁଛି। ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳର କାର୍ଯ୍ୟସୂଚୀ ସମ୍ପୂର୍ଣ୍ଣ ଭାବେ ବ୍ୟସ୍ତବହୁଳ ରହିଛି। ବର୍ତ୍ତମାନ ଶ୍ରୀଲଙ୍କା ବିପକ୍ଷ ଘରୋଇ ଦିନିକିଆ ସିରିଜ୍‌ର ସେଡ୍ୟୁଲ୍ ଜାରି କରାଯାଇଛି। 'ଷ୍ଟାର୍ ସ୍ପୋର୍ଟସ୍'ରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ହେବାକୁ ଥିବା ସିରିଜ୍‌ର ପ୍ରୋମୋ ମଧ୍ୟ ରିଲିଜ୍ ହୋଇସାରିଛି, ଯାହାର ଆରମ୍ଭ ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ହେବ।

ଉଭୟ ଦଳ ମଧ୍ୟରେ ସିରିଜ୍‌ର ପ୍ରଥମ ଦିନିକିଆ ମ୍ୟାଚ୍ ୧୩ ଡିସେମ୍ବରରେ ଦିଲ୍ଲୀର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ୧୬ ଡିସେମ୍ବରରେ ଚେନ୍ନାଇର ଏମ୍. ଚିଦାମ୍ବରମ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେହିପରି ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍ ୧୯ ଡିସେମ୍ବରରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ।

ଦିନିକିଆ ପରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନୋଟି ଟି୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ୨୨ ଡିସେମ୍ବରରେ ରାଜକୋଟ୍‌ଠାରେ ଖେଳାଯିବ। ଏହାପରେ ଦ୍ୱିତୀୟ ଟି୨୦ ମ୍ୟାଚ୍ କଟକର ବାରବାଟୀ ଷ୍ଟାଡିୟମରେ ୨୪ ଡିସେମ୍ବର ଆୟୋଜିତ ହେବ। ଏହା ସହ ସିରିଜ୍‌ର ତୃତୀୟ ତଥା ଶେଷ ଟି୨୦ ମ୍ୟାଚ୍ ୨୭ ଡିସେମ୍ବରରେ ପୁଣେରେ ଖେଳାଯିବ।

ଶ୍ରୀଲଙ୍କା ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଗସ୍ତରେ ଯିବ। ଭାରତୀୟ ଦଳର ଏହି ଗସ୍ତ ୨୨ ଅକ୍ଟୋବରରୁ ୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଉଭୟ ଦଳ ମଧ୍ୟରେ ୫ଟି ଟି୨୦, ୫ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ଅର୍ଥାତ୍ ନ୍ୟୁଜିଲାଣ୍ଡ ଗସ୍ତରୁ ଫେରିବା ସଙ୍ଗେ ସଙ୍ଗେ ଭାରତୀୟ ଖେଳାଳିଙ୍କ ସାମ୍ନାରେ ଶ୍ରୀଲଙ୍କାର ଚ୍ୟାଲେଞ୍ଜ ରହିବ। ୨୦୨୭ ଦିନିକିଆ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଘରୋଇ ମାଟିରେ ହେବାକୁ ଥିବା ଏହି ଦିନିକିଆ ସିରିଜ୍ ଟିମ୍ ଇଣ୍ଡିଆ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।



## ଚର୍ଚ୍ଚାରେ ଶ୍ରୀଲଙ୍କା କ୍ରିକେଟ୍

## ଟେଷ୍ଟ ଅଧିନାୟକ ପଦ ଛାଡ଼ିଲେ ଧନଞ୍ଜୟ, ତିନି ଫର୍ମାଟ୍‌ର ଅଧିନାୟକ ହେଲେ ମେଣ୍ଡିସ୍



**କଲମ୍ବୋ**

ଶେଷରେ ସେହିଆ ହିଁ ହେଲା, ଯାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଶ୍ରୀଲଙ୍କା ଟେଷ୍ଟ ଦଳର ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି ଧନଞ୍ଜୟ ଡି'ସିଲ୍ଭା। ନିକଟରେ ଶ୍ରୀଲଙ୍କା ନିଜ ଘରୋଇ ମାଟିରେ ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ୦-୧ରେ ପରାଜିତ ହୋଇଥିଲା। ଏହି ଶୋଚନୀୟ ପରାଜୟ ପରେ ଧନଞ୍ଜୟଙ୍କ ଅଧିନାୟକ ପଦ ଯିବା ନେଇ ଆଶଙ୍କା କରାଯାଉଥିବା ବେଳେ ଏବେ ସେଥିରେ ମୋହର ବାଜିଛି। ତାଙ୍କ ସ୍ଥାନରେ ଦଳର ନିର୍ଭରଯୋଗ୍ୟ ବ୍ୟାଟର କୁଶଲ ମେଣ୍ଡିସ୍‌ଙ୍କୁ ଟେଷ୍ଟ ଦଳର ନୂଆ ଅଧିନାୟକ ଭାବେ ଦାୟିତ୍ୱ ଦିଆଯିବାକୁ ଯାଉଛି।

ଧନଞ୍ଜୟ ଡି'ସିଲ୍ଭାଙ୍କ ନେତୃତ୍ୱରେ ଶ୍ରୀଲଙ୍କା ଦଳର ନିରାଶାଜନକ ପ୍ରଦର୍ଶନ ହିଁ ତାଙ୍କ ଅଧିନାୟକ ପଦ ଯିବାର ମୁଖ୍ୟ କାରଣ ସାଜିଛି। ୨୦୨୪ ମସିହାରେ ସେ ଶ୍ରୀଲଙ୍କା ଟେଷ୍ଟ ଦଳର ଅଧିନାୟକ ହୋଇଥିଲେ। ମାତ୍ର ବିଗତ ଦୁଇ ବର୍ଷ ମଧ୍ୟରେ ତାଙ୍କ ନେତୃତ୍ୱରେ ଦଳ ଖେଳିଥିବା ମୋଟ ମ୍ୟାଚ୍‌ରୁ ମାତ୍ର ୭ଟି ଟେଷ୍ଟରେ ବିଜୟୀ ହୋଇଥିବା ବେଳେ ୮ଟିରେ ପରାଜୟର ସାମ୍ନା କରିଥିଲା। ତାଙ୍କ କପ୍ତାନ୍‌ସିରେ ଦଳର ଜିତିବା ହାର ମାତ୍ର ୩୮.୮୮% ରହିଥିଲା। ଏହି ବିଫଳତା ପରେ ବୋର୍ଡ କୁଶଲ ମେଣ୍ଡିସ୍‌ଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ସୂଚନାଯୋଗ୍ୟ ଯେ, ମେଣ୍ଡିସ୍ ବର୍ତ୍ତମାନ ଦଳର ଏକଦିବସୀୟ (ଓଡିଆଇ) ଓ ଟି-୨୦ ଦଳର ମଧ୍ୟ ଅଧିନାୟକ ରହିଛନ୍ତି।

ସାମ୍ପ୍ରତିକ ସମୟରେ କୁଶଲ ମେଣ୍ଡିସ୍ ଶ୍ରୀଲଙ୍କାର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ଏବଂ ସେ ପ୍ରତ୍ୟେକ ଫର୍ମାଟ୍‌ରେ କ୍ରମାଗତ ରନ୍ ସଂଗ୍ରହ କରିଆସୁଛନ୍ତି। ତେବେ ତାଙ୍କ ଫିଟ୍‌ନେସ୍‌କୁ ନେଇ କିଛି ସମସ୍ୟା ରହିଛି। ଭାରତ ବିପକ୍ଷ ନିକଟତର ଟେଷ୍ଟ ସିରିଜ୍‌ରେ ମଧ୍ୟ ଆଘାତ ସମସ୍ୟା ଯୋଗୁ ସେ ଖେଳିପାରି ନ ଥିଲେ। ଏହା ବ୍ୟତୀତ ତାଙ୍କ କ୍ୟାରିୟର ସହ ଶୃଙ୍ଖଳାଗତ ବିବାଦ ମଧ୍ୟ ଯୋଡ଼ି ହୋଇ ରହିଛି। ୨୦୨୧ ଇଂଲଣ୍ଡ ଗସ୍ତ ସମୟରେ ନିୟମ ଭଙ୍ଗ କରିବା ଯୋଗୁ ତାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ୧ ବର୍ଷ ପାଇଁ ବାସନ୍ଦ କରାଯିବା ସହ ୧ କୋଟି ଶ୍ରୀଲଙ୍କା ଟଙ୍କାର ଜରିମାନା ଲଗାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ସୁଧାର ଆସିବାରୁ ତାଙ୍କ ଉପରୁ ପ୍ରତିବନ୍ଧକ ହଟାଯାଇଥିଲା। ୩୧ ବର୍ଷୀୟ କୁଶଲ ମେଣ୍ଡିସ୍ ଶ୍ରୀଲଙ୍କା ଦଳର ଅନ୍ୟତମ ଅଭିଜ୍ଞ ଖେଳାଳି। ସେ ନିଜ କ୍ୟାରିୟରରେ ୭୫ଟି ଟେଷ୍ଟ ମ୍ୟାଚ୍ ଖେଳି ୩୬ରୁ ଅଧିକ ହାରାହାରିରେ ୪,୮୩୬ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୦ଟି ଶତକ ଓ ୨୩ଟି ଅର୍ଦ୍ଧଶତକ ସାମିଲ ଅଛି। ଏହା ବ୍ୟତୀତ ସେ ୧୫୯ଟି ଏକଦିବସୀୟ ମ୍ୟାଚ୍‌ରୁ ୫,୧୬୦ ରନ୍ ଏବଂ ୧୦୯ଟି ଟି-୨୦ ମ୍ୟାଚ୍‌ରୁ ୨,୬୯୪ ରନ୍ ହାସଲ କରିଛନ୍ତି।

## ଏସିସି ଜାରି କଲା ଅଣ୍ଡର-୧୯ ଏସିଆ କପ୍ ସେଡ୍ୟୁଲ୍

# ନଭେମ୍ବର ୮ ମୁହାଁମୁହିଁ ହେବେ ଭାରତ-ପାକିସ୍ତାନ

**ନୂଆଦିଲ୍ଲୀ**

ଏସୀୟ କ୍ରିକେଟ୍ ପରିଷଦ ଅଣ୍ଡର-୧୯ ଏସିଆ କପ୍ ୨୦୨୬ର ସେଡ୍ୟୁଲ୍ ଘୋଷଣା କରିଛି। ଚଳିତ ଥର ଏହି ଟୁର୍ଣ୍ଣାମେଣ୍ଟ ଓମାନରେ ଆୟୋଜିତ ହେବ। ଏଥିରେ ୮ଟି ଏସିଆ ମହାଦେଶର ଦଳ ଅଂଶଗ୍ରହଣ କରିବେ। ସବୁଠାରୁ ବଡ଼ ଖବର ହେଉଛି, ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ପରସ୍ପର ସହ ମୁହାଁମୁହିଁ ହେବେ। ନଭେମ୍ବର ୮ ତାରିଖରେ ଏହି ଦୁଇ ଦଳ ମଧ୍ୟରେ ଏସିଆ କପ୍ ୨୦୨୬ର ଏହି ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବ। ଅନ୍ୟପଟେ ଶ୍ରୀଲଙ୍କା ଏବଂ ମାଲେସିଆ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ବ୍ୟତୀତ ଶ୍ରୀଲଙ୍କା, ମାଲେସିଆ, ୟୁଏଇ, ପାକିସ୍ତାନ, ଆଫଗାନିସ୍ତାନ, ନେପାଳ ଓ ବାଂଲାଦେଶ ଅଂଶଗ୍ରହଣ କରୁଛନ୍ତି।



ଅଣ୍ଡର-୧୯ ଏସିଆ କପ୍ ସୂଚୀ : ୫ ନଭେମ୍ବର ୨୦୨୬ : ଶ୍ରୀଲଙ୍କା ବନାମ ମାଲେସିଆ, ବାଂଲାଦେଶ ବନାମ ଆଫଗାନିସ୍ତାନ। ୬ ନଭେମ୍ବର ୨୦୨୬: ପାକିସ୍ତାନ ବନାମ ୟୁଏଇ, ଭାରତ ବନାମ ନେପାଳ। ୭ ନଭେମ୍ବର ୨୦୨୬: ଆଫଗାନିସ୍ତାନ ବନାମ ମାଲେସିଆ, ଶ୍ରୀଲଙ୍କା ବନାମ ବାଂଲାଦେଶ। ୮ ନଭେମ୍ବର ୨୦୨୬: ୟୁଏଇ ବନାମ ନେପାଳ, ଭାରତ ବନାମ ପାକିସ୍ତାନ। ୯ ନଭେମ୍ବର ୨୦୨୬: ବାଂଲାଦେଶ ବନାମ ମାଲେସିଆ, ଶ୍ରୀଲଙ୍କା ବନାମ ଆଫଗାନିସ୍ତାନ। ୧୦ ନଭେମ୍ବର ୨୦୨୬: ଭାରତ ବନାମ ୟୁଏଇ, ପାକିସ୍ତାନ ବନାମ ନେପାଳ। ସେମିଫାଇନାଲ (୧୨ ନଭେମ୍ବର ୨୦୨୬): ଏ୧ ବନାମ ବି୨, ବି୧ ବନାମ ଏ୨। ଫାଇନାଲ (୧୪ ନଭେମ୍ବର ୨୦୨୬)

ଅଣ୍ଡର-୧୯ ଏସିଆ କପ୍‌ରେ ଭାରତ ସବୁଠାରୁ ସଫଳ ଦଳ କିନ୍ତୁ ଗତ ଥର ଖେଳାଯାଇଥିବା ଅଣ୍ଡର-୧୯ ଏସିଆ କପ୍ ଫାଇନାଲ୍‌ରେ ଭାରତୀୟ ଦଳ ପାକିସ୍ତାନଠାରୁ ପରାଜିତ ହୋଇଥିଲା। ୨୦୨୫ରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପାକିସ୍ତାନ ୫୦ ଓଭରରେ ୩୪୭ ରନ୍ ସଂଗ୍ରହ କରିଥିବା ବେଳେ ଭାରତୀୟ ଦଳ ମାତ୍ର ୧୫୬ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା। ପାକିସ୍ତାନ ୧୯୧ ରନ୍‌ରେ ଏହି ଫାଇନାଲ୍ ମ୍ୟାଚ୍ ଜିତି ଟ୍ରଫି ଜିତିନେଇଥିଲା।

ସୂଚନାଯୋଗ୍ୟ ଯେ ଭାରତୀୟ ଦଳ ଅଣ୍ଡର-୧୯ ଏସିଆ କପ୍‌ର କ୍ରମାଗତ ଦୁଇଟି ଫାଇନାଲ୍‌ରେ ପରାଜିତ ହୋଇସାରିଛି। ଭାରତ ଶେଷ ଥର ପାଇଁ ୨୦୨୧ରେ ଅଣ୍ଡର-୧୯ ଏସିଆ କପ୍ ଜିତିଥିଲା। ଟିମ୍ ଇଣ୍ଡିଆ ୨୦୧୮, ୨୦୧୯ ଓ ୨୦୨୧ରେ କ୍ରମାଗତ ତିନିଥର ଚାମ୍ପିଅନ୍ ହୋଇଥିଲା। ଭାରତ ସର୍ବାଧିକ ୭ ଥର ଏସିଆ କପ୍ ଟ୍ରଫି ଜିତିବାର ଗୌରବ ହାସଲ କରିଛି।

ଅଣ୍ଡର-୧୯ ଏସିଆ କପ୍‌ରେ ପାକିସ୍ତାନ ଦଳର ଇତିହାସ ଏବଂ ସାମ୍ପ୍ରତିକ ପ୍ରଦର୍ଶନ ବେଶ୍ ଦମଦାର ରହିଛି। ଦଳ ବର୍ତ୍ତମାନର ଡିଫେଣ୍ଡିଂ ଚାମ୍ପିଅନ୍ ଅଟେ। ଡିସେମ୍ବର ୨୦୨୫ରେ ଖେଳାଯାଇଥିବା ଗତ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପାକିସ୍ତାନ ଭାରତକୁ ୧୯୧ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରିଥିଲା। ଏହି ବିଜୟ ସହିତ ପାକିସ୍ତାନ ଦ୍ୱିତୀୟ ଥର ପାଇଁ ଅଣ୍ଡର-୧୯ ଏସିଆ କପ୍ ଟ୍ରଫି ଜିତିଥିଲା। ଆଗାମୀ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ଦଳ ଓମାନରେ ନିଜ ଟାଇଟଲ୍ ବଜାୟ ରଖିବା ପାଇଁ ପଡ଼ିଆକୁ ଓହ୍ଲାଇବ, ଯେଉଁଠାରେ ଲିଗ୍ ପର୍ଯ୍ୟାୟରେ ନଭେମ୍ବର ୮ ତାରିଖରେ ଏହି ଦଳର ସାମ୍ନା ଭାରତ ସହିତ ହେବ।

## ପଞ୍ଜାବ କିଙ୍ଗ୍‌ସରୁ ଇସ୍ତଫା ଦେଲେ ଦୁଇ ପ୍ରଶିକ୍ଷକ ହୋପ୍ସ ଓ ହାଡିନ

**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗ୍‌ସର ଦୁଇ ପ୍ରଶିକ୍ଷକ ଜେମ୍ସ ହୋପ୍ସ (ବୋଲିଂ) ଓ ବ୍ରାଡ୍ ହାଡିନ (ଫିଲ୍ଡିଂ) ନିଜ ନିଜ ପଦରୁ ଗୁରୁବାର ଇସ୍ତଫା ଦେଇଛନ୍ତି। ଉଭୟ ଅଷ୍ଟ୍ରେଲୀୟ ଘରୋଇ କ୍ରିକେଟ୍‌ରେ ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇବେ। ହୋପ୍ସଙ୍କୁ କ୍ୱିନ୍ସଲାଣ୍ଡ ଓ ବ୍ରିସ୍‌ବେନ୍ ହିଟ୍‌ର ଏବଂ ହାଡିନ୍‌ଙ୍କୁ ନ୍ୟୁ ସାଉଥ୍ ୱେଲ୍ସର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେବେ। ଏମାନେ ଦୁଇ ଜଣ ପଞ୍ଜାବ କିଙ୍ଗ୍ସ ଛାଡ଼ିବା ପରେ ସଂପ୍ରତି ୨୦୨୬ରେ ଥିବା ୩ ଜଣ ସହଯୋଗୀ ଅଧିକାରୀଙ୍କୁ ହରାଇଛି ଦଳ। ପୂର୍ବରୁ ସାଇରାଜ ବାହୁତୁଲେ ଭାରତୀୟ ପୁରୁଷ ଦଳର ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଦାୟିତ୍ୱ ପାଇବାରୁ ପଞ୍ଜାବ କିଙ୍ଗ୍ସ ଛାଡ଼ିଥିଲେ। ହାଡିନ ୨୦୨୨ରେ ପଞ୍ଜାବ କିଙ୍ଗସର ଟ୍ରେଭର ବାଇଲିସ୍‌ଙ୍କ ପ୍ରଶିକ୍ଷକ ମଣ୍ଡଳିରେ ଯୋଗ ଦେଇଥିଲେ। ରିକି ପଣ୍ଟିଂଙ୍କ ସହ ହୋପ୍ସ ୨୦୨୫ରୁ ଦିଲ୍ଲୀ କ୍ୟାପିଟାଲ୍ସରୁ ଆସି ଦଳରେ ଯୋଗ ଦେଇଥିଲେ। ୨୦୨୬ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍ସ ଆରମ୍ଭରୁ ୬ ମ୍ୟାଚ୍ ଜିତିଥିଲା ମଧ୍ୟ ପରେ ଖରାପ ପ୍ରଦର୍ଶନ କରି ପ୍ଲେ ଅଫ୍‌ସ ପୂର୍ବରୁ ବିଦାୟ ନେଇଥିଲା।



## ଗୁରୁଜଙ୍ଗ ପ୍ରିମିୟର ଲିଗ୍ ଉଦ୍‌ଘାଟିତ : ଯଦୁପୁର ବ୍ଲାଷ୍ଟର ବିଜୟୀ ଖୋର୍ଦ୍ଧା

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଖୋର୍ଦ୍ଧା ଉପଖଣ୍ଡ ଗୁରୁଜଙ୍ଗ ଖେଳ ପଡ଼ିଆ ଠାରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଗୁରୁଜଙ୍ଗ ପ୍ରିମିୟର ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ବାଲୁକେଶ୍ୱର ୱାରିୟର୍ସ, ଟମାଣ୍ଡୋ ଦଳକୁ ଯଦୁପୁର ବ୍ଲାଷ୍ଟର୍ସ ଦଳ ୩୫ ରନରେ ପରାସ୍ତ କରିଛି। ପ୍ରଥମେ ଟସ୍‌ରେ ଜିତି ଯଦୁପୁର ଦଳ ସମସ୍ତ ୱିକେଟ ହରାଇ ୧୫୪ ରନ କରିଥିଲେ। ଏମ୍‌ଡି ତବରେଜ ସର୍ବାଧିକ ୩୩ରନ କରିଥିଲେ। ଟମାଣ୍ଡୋ ଦଳର ସିପୁନ ପଟ୍ଟନାୟକ ୩ ୱିକେଟ ନେଇଥିଲେ। ଜବାବରେ ଟମାଣ୍ଡୋ ଦଳ ସୁଶାନ୍ତ ପରିଡ଼ାଙ୍କ ୩୨ ରନ ସହାୟତାରେ ୧୧୯ ରନରେ ସୀମିତ ରହି ଏହି ମ୍ୟାଚ୍‌କୁ ୩୫ ରନରେ ପରାସ୍ତ ହୋଇଛି। ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ରାଜେନ୍ଦ୍ର କୁମାର ସାହୁ, କ୍ୟାପଟେନ ମନ୍ମଥ ରାଉତରାୟ, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତ, ଖୋର୍ଦ୍ଧା ଛାତ୍ର ବିଜେଡି ସଭାପତି ଅମିତ କୁମାର ଦାସ, ୟୁ ଟ୍ୟୁବର ପ୍ରିୟଙ୍କା ଶତପଥି, ସ୍ୱରୂପ ମିଶ୍ର, ମଳୟେଶ ପ୍ରଧାନ, ବଦ୍ରିନାରାୟଣ ସାହୁ, ରବି ନାରାୟଣ ଜେନା, ବିକାଶ ଜେନା, ରାଜେଶ ପ୍ରଧାନ, ଏମଡି ତବରେଜ, ସୁକାନ୍ତ ପାତ୍ର, କାଜଲ ବଳିୟାରସିଂ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଏମ୍‌ଡି ତବରେଜଙ୍କୁ ବରିଷ୍ଠ ଖେଳାଳି ରବିନାରାୟଣ ରାଉତରାୟ ଓ ରଞ୍ଜନ ନନ୍ଦ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌କୁ ସାନୁଜ ବିଶ୍ୱାଳ, ଜୟନ୍ତ ମାର୍ଥା, ପ୍ରକାଶ କୁମାର ସାହୁ, ସୂର୍ଯ୍ୟକାନ୍ତ ଗୁମାନସିଂ ପ୍ରମୁଖ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଭାବେ ରାଜେନ୍ଦ୍ର କୁମାର ବେହେରା ଦାଇତ୍ୱ ନେଇଥିଲେ। ମ୍ୟାଚ୍‌କୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସୁଜିତ ପରିଡ଼ା ସଂଯୋଜନା କରିଥିଲେ।




## ବିଦ୍ୟୁତ ତାର ଲାଗି ଜଣେ ମୃତ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଗୁମୁରାପଦର ଗ୍ରାମରେ ଅଘଟଣ। ବିଦ୍ୟୁତ ତାର ଲାଗି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ୫୫ ବର୍ଷୀୟ ହରିଶ ଚନ୍ଦ୍ର କନ୍ଦା ଗୌଡ଼। ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଗୁମୁରାପଦର ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ବିଦ୍ୟୁତ ତାର ଲାଗିଯିବାରୁ ୫୫ ବର୍ଷୀୟ ହରିଶ ଚନ୍ଦ୍ର କନ୍ଦ ଗୌଡ଼ଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବା ପରେ ହରିଶ ଚନ୍ଦ୍ର ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ପରେ ପରିବାର ଲୋକ ଓ ଗ୍ରାମବାସୀଙ୍କ ମଧ୍ୟରେ ଶୋକର ବାତାବରଣ ଦେଖାଦେଇଛି। ଘଟଣାର ପ୍ରକୃତ କାରଣ ଏବଂ ବିଦ୍ୟୁତ ତାର କିପରି ଲାଗିଲା, ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ।

## ଚାଇନା ସ୍ମାସ୍ ସେମିରେ ମାନବ-ମନୁଷ

**ବେଜିଂ**

ଭାରତୀୟ ଟେବଲ ଟେନିସ (ଟିଟି) ଯୋଡ଼ି ମାନବ ଠକ୍କର ଓ ମନୁଷ ଶାହ ଚଳିତ ଡବ୍ଲୁଟିଟି ଚାଇନା ସ୍ମାସ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର କ୍ୱାର୍ଟରଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ସିଧାସଳଖ ୩-୦ (୧୧-୯, ୧୧-୫, ୧୧-୪)ରେ ସ୍ଥାନୀୟ ଖେଳାଳି ଲିଙ୍ଗ ଜିଙ୍ଗକୁନ୍ ଓ ଜିଆଙ୍ଗ ପେଙ୍ଗ୍‌ଙ୍କୁ ହରାଇଥିଲେ। ମାନବ-ମନୁଷ ଫାଇନାଲ୍ ସ୍ଥାନ ପାଇଁ ଦକ୍ଷିଣ କୋରିଆର ଲିମ୍ ଜୋଙ୍ଗହୁଁ ଓ ଓହ୍ ଜୁନ୍ ସୁଙ୍ଗ୍‌ଙ୍କୁ ଭେଟିବେ। ଏହି ଦକ୍ଷିଣ କୋରିଆ ଯୋଡ଼ି ୩-୦ରେ ଡେନ୍‌ମାର୍କର ଆଣ୍ଟନ କାଲବର୍ଗ ଓ କ୍ରିଷ୍ଟିଆନ୍ କାର୍ଲସନ୍‌ଙ୍କୁ ପରାସ୍ତ କରିଥିଲେ।



## ଦିଗପହଣ୍ଡିରେ ମିଳିତ ବିରୋଧୀ ଦଳର ଏକାଧିକ ଦାବିରେ ଅଖଚକ ବନ୍ଦ

**ଦିଗପହଣ୍ଡି, ନ୍ୟୁଜ୍‌ବ୍ୟୁରୋ**

ମିଳିତ ବିରୋଧୀ ଦଳର ଡାକରାରେ ଗୁରୁବାର ଦିଗପହଣ୍ଡିରେ ବନ୍ଦ ପାଳିତ ହୋଇଛି। ବନ୍ଦ ପ୍ରଭାବରେ ଦୋକାନ ବଜାର, ଯାନବାହନ ଚଳାଚଳ ସହ ବିଭିନ୍ନ ପ୍ରତିଷ୍ଠାନର କାର୍ଯ୍ୟକଳାପ ପ୍ରଭାବିତ ହୋଇଥିଲା। ବ୍ୟାଙ୍କ ଓ ପୋଷ୍ଟ ଅଫିସ୍‌ରେ ମଧ୍ୟ ବନ୍ଦର ପ୍ରଭାବ ପଡ଼ିଥିଲା। ନିର୍ବାଚନ କମିଶନଙ୍କ ପାତରଅନ୍ତର ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି, ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ପାଠ୍ୟପୁସ୍ତକରେ ୧୬୦୦ ରୁ ଊର୍ଦ୍ଧ୍ୱ ତ୍ରୁଟି ଥିବା ଅଭିଯୋଗକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ କଳା ଖଣି ଆଇନ ପ୍ରତ୍ୟାହାର ଆଦି ଦାବିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ସମୟରେ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇ(ଏମ୍) ଓ ଆମ୍ ଆଦମୀ ପାର୍ଟି (ଆପ୍) ସମେତ ବିଭିନ୍ନ ବିରୋଧୀ ଦଳର ନେତା ଓ କର୍ମୀମାନେ ଯୋଗଦେଇ ଥିଲେ। ସେମାନଙ୍କ ସହ ଶତାଧିକ ବ୍ୟକ୍ତି ବନ୍ଦରେ ସାମିଲ ହୋଇ ବିଭିନ୍ନ ସ୍ଥାନରେ ପିକେଟିଂ ଓ ପ୍ରତିବାଦ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ପ୍ରଫୁଲ୍ଲ ପଣ୍ଡା, ଦୀପକ ମିଶ୍ର, ସୁନୀଲ କୁମାର ପଣ୍ଡା, ଇ. ଶଙ୍କର, ଜଗନ୍ନାଥ ବେହେରା, ରସାନନ୍ଦ ରାଉତ, ଦୈତାରୀ ରେଡ୍ଡୀ, କୈଳାସ ଷଡ଼ଙ୍ଗୀ, ହର ପ୍ରସାଦ ରଥ, ନିଲୁ ମିଶ୍ର, ବୃନ୍ଦାବନ ପଣ୍ଡା, ବିଘ୍ନେଶ୍ୱର ଦାସ ଓ ସମ୍ଭବ କୁମାର ତ୍ରିପାଠୀଙ୍କ ସମେତ ଅନେକ ନେତା, କର୍ମୀ ଓ ସମର୍ଥକ ବନ୍ଦରେ ଯୋଗଦେଇ ଥିଲେ। ବନ୍ଦ ସମୟରେ ବିଭିନ୍ନ ଦାବି ନେଇ ନାରାବାଜି କରାଯାଇଥିବା ବେଳେ ଦିଗପହଣ୍ଡି ସହରରେ ଜନଜୀବନ ପ୍ରଭାବିତ ହୋଇଥିଲା। ବନ୍ଦକୁ ନେଇ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇ ପ୍ରତିବାଦ କରିଥିଲେ। ଆନ୍ଦୋଳନକାରୀମାନେ ଉପସ୍ଥାପନ କରିଥିବା ଦାବିଗୁଡ଼ିକ ଉପରେ ସରକାର ଓ ସମ୍ପୃକ୍ତ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଭିନ୍ନ ଦଳ ଓ ସଂଗଠନର ନେତା, କର୍ମୀ ଏବଂ ସାଧାରଣ ଲୋକଙ୍କ ଯୋଗଦାନ ଯୋଗୁଁ ଦିଗପହଣ୍ଡିରେ ବନ୍ଦର ପ୍ରଭାବ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଥିଲା।


32001/1005/2627

Office of the Executive Engineer, Support Services Division,
2nd Floor, Dam Safety Building, Secha Sadan, Bhubaneswar-751001.
E-mail:eessdivision@gmail.com.

**QUOTATION CALL NOTICE NO. 07/2026-27**

Sealed quotations are invited from eligible Firms, Suppliers and Dealers etc.to supply the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before. 15.10.2026, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Services Division, Bhubaneswar from 10.00 AM of 08.10.2026 to 03.00 PM of 15.10.2026 on payment of Rs. 100/- (Rupees One Hundred) only.

| Sl. No. | Name of Work | Item | Paper Cost (Non-Refundable) | Quotation Call Notice No |
|---|---|---|---|---|
| 1 | Supply of Two nos. of Air Conditioner for the Room no. 126 & 126A O/o The Chief Engineer, Designs, BBSR. | 1 No | Rs.100.00 | 07(1)/2026-27 |
| 2 | Supply of One Nos of Air Conditioner to the Passage in front of Office Chamber of the Engineer-in-Chief O/o The Engineer-in-Chief Water Resources Bhubaneswar. | 1 No | Rs.100.00 | 07(2)/2026-27 |
| 3 | procurement of one number Desktop computer for official use of Estimating Branch, o/o executive Engineer support services Division Odisha Bhubaneswar | 3 Nos | Rs.100.00 | 07(3)/2026-27 |
| 4 | Annual Procurement of UPS for the official use in the O/o Chief Engineer, Designs, (WR) Odisha, Bhubaneswar for the year 2026-27. | 2 nos | Rs.100.00 | 07(4)/2026-27 |
| 5 | Procurement of two nos. of Colour multifaction Printer for the official use in the JE/AE Branch & Cash Branch, in the O/o Executive Engineer, Support Services Division, BBSR. | 1No | Rs.100.00 | 07(5)/2026-27 |
| 6 | Procurement of an All-in-one Desktop Computer for Asst. to CE & BM, MKS, in the O/o Engineer-in-Chief, WR, BBSR. | 2Nos | Rs.100.00 | 07(6)/2026-27 |
| 7 | procurement of All-in-One Computer, monitor Printer for the official use of different branches O/o Additional chief engineer, central irrigation circle Bhubaneswar. | 4Nos | Rs.100.00 | 07(7)/2026-27 |

Sd/- Executive Engineer
Support Services Division, Bhubaneswar
OIPR-32001/32447/1/26-27/0009



ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪)୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org
13001/2077/2627

ପତ୍ର ସଂଖ୍ୟା :୧୫୭ ତା: ୨୪.୦୯.୨୦୨୬

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଘର ନଂ-ଏଲ.ଆଇ.ଜି-୧୯୪୮(LIG-1948), ଡୁମୁଡୁମା, ୨ୟ ପର୍ଯ୍ୟାୟ; ଭୁବନେଶ୍ୱର ଗୃହଟିକୁ ଶ୍ରୀ ସିଦ୍ଧାର୍ଥ କୁମାର ପଣ୍ଡା ଓ ନାରାୟଣ ଚନ୍ଦ୍ର ପଣ୍ଡା, ସା-ଗୋପାଳବିନ୍ଧା, ପୋ-ଆହାର ପଡ଼ା, ଥାନା/ଜିଲ୍ଲା-ଭଦ୍ରକଙ୍କ ନାମରେ ଯୁଗ୍ମ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଏହି ଯୁଗ୍ମ ଆବଣ୍ଟନ ଗ୍ରହୀତାଙ୍କ ମଧ୍ୟରୁ ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ଥିବା ତାଙ୍କର ସତ୍ୱ ଅଂଶରେ ନିଜର ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ମୃତ୍ୟୁଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ- ୰ନାରାୟଣ ଚନ୍ଦ୍ର ପଣ୍ଡା, ପିତା- ୰ ବାଞ୍ଛାନିଧି ପଣ୍ଡା, ସା- ଗୋପାଳବିନ୍ଧା, ପୋ- ଆହାର ପଡ଼ା, ଥାନା/ଜିଲ୍ଲା- ଭଦ୍ରକ | ଘରନଂ-ଏଲ.ଆଇ.ଜି-୧୯୪୮ (LIG-1948) ଡୁମୁଡୁମା, ୨ୟ ପର୍ଯ୍ୟାୟ ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧.ଲଳିତା ପଣ୍ଡା (ସ୍ତ୍ରୀ) ୨.ସିଦ୍ଧାର୍ଥ କୁମାର ପଣ୍ଡା (ପୁତ୍ର) ୩.ଅଶୋକ କୁମାର ପଣ୍ଡା (ପୁତ୍ର) ୪.ବିଜୟଲକ୍ଷ୍ମୀ ମିଶ୍ର(ବି.କନ୍ୟା) ୫.ସନ୍ତୋଷ କୁମାର ପଣ୍ଡା (ପୁତ୍ର) ୬.ପ୍ରଶାନ୍ତ କୁମାର ପଣ୍ଡା (ପୁତ୍ର) ୭.ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା (ପୁତ୍ର) ୮.ରାଜଲକ୍ଷ୍ମୀ ମିଶ୍ର(ବି.କନ୍ୟା) |

ସ୍ୱା/-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/26-27/0285



GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.
Tel.Ph.No: 06815-222542
E-mail I.D: eerbparala@yahoo.com
34001/979/2627

**e-Procurement Notice**

Bid Identification No. S.E., PKD. R&B DIVN.–16 /2026-27
No. 5386 Date. 05.10.2026

INVITATION FOR BIDS

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single Cover system to be received in on ONLINE MODE only for the construction of works as detailed in the table below: | | |
| 2. | Nature of works | : | Electrical Work |
| 3. | No. of works | : | 01 [One] no. of work. |
| 4. | Estimated cost (Approximately) | : | Rs. 22.60 Lakhs |
| 5. | Bid cost | : | Rs.6,000/- |
| 6. | Class of contractor | : | "HT" class |
| 7. | Availability of Bid Documents in the website | : | 10.00 Hrs of Dt. 13.10.2026 To 17.00 Hrs. of Dt.21.10.2026. |
| 8. | Date of opening of the Bid | : | 12.00 Hrs. of Dt.22.10.2026. |
| 9. | The Bidders have to participate in ONLINE bidding only. Further details can be seen from the website http://tendersorissa.gov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

Sd/- Superintending Engineer
Paralakhemundi(R&B) Division
OIPR-34001/34186/1/26-27/0012





# ଓଡ଼ିଶା ବନ୍ଦରେ କଟକରେ ଜନଜୀବନ ପ୍ରଭାବିତ



**କଟକ, ନ୍ୟୁଜ ବ୍ୟୁରୋ**

ବିଭିନ୍ନ ଦାବି ନେଇ ଇଣ୍ଡିଆ ବ୍ଲକ୍‌ର ଆହ୍ୱାନରେ ଗୁରୁବାର ପାଳିତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦର ପ୍ରଭାବ କଟକ ସହରରେ ବ୍ୟାପକ ଭାବେ ପରିଲକ୍ଷିତ ହୋଇଛି । ସକାଳ ୬ଟାରୁ ଆରମ୍ଭ ହୋଇଥିବା ବନ୍ଦ ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଦୋକାନବଜାର ବନ୍ଦ ରହିବା ସହ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଥିଲା । ବନ୍ଦ ସମର୍ଥକମାନେ ସକାଳୁ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ପିକେଟିଂ କରି ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିଥିଲେ । ଫଳରେ ବାଦାମବାଡ଼ି ସମେତ ଅନ୍ୟାନ୍ୟ ପ୍ରମୁଖ ରାସ୍ତାରେ ସାଧାରଣ ଦିନ ତୁଳନାରେ ଯାନବାହନ ଚଳାଚଳ କମ୍ ରହିଥିଲା । ବସ୍ ଓ ଅନ୍ୟାନ୍ୟ ଯାତ୍ରୀବାହୀ ଯାନ ଚଳାଚଳ ମଧ୍ୟ ବନ୍ଦର ପ୍ରଭାବରୁ ବାଦ ପଡ଼ିନଥିଲା । ଏହାର ପ୍ରତ୍ୟକ୍ଷ ପ୍ରଭାବ ସହରର ଦୈନନ୍ଦିନ ବ୍ୟବସାୟିକ କାରବାର ଉପରେ ମଧ୍ୟ ପଡ଼ିଥିଲା । ବନ୍ଦର ପ୍ରଭାବ କୋର୍ଟ କାର୍ଯ୍ୟରେ ମଧ୍ୟ ଅନୁଭୂତ ହୋଇଥିଲା । ଯାତାୟାତ ସମସ୍ୟା ଓ ସୁରକ୍ଷାଜନିତ କାରଣରୁ ଓଡ଼ିଶା ହାଇକୋର୍ଟ ସମେତ କଟକର ବିଭିନ୍ନ ଅଦାଲତର ଅନେକ ଆଇନଜୀବୀ ଭୌତିକ ଶୁଣାଣିରୁ ଦୂରେଇ ରହିଥିଲେ ।ଏହା ଫଳରେ ନିୟମିତ କୋର୍ଟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଥିଲା । ବନ୍ଦ ପରିପ୍ରେକ୍ଷୀରେ କଟକ ସହରର ବିଭିନ୍ନ ସମ୍ବେଦନଶୀଳ ଓ ପ୍ରମୁଖ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା ।ଯେକୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ସହ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ପେଟ୍ରୋଲିଂ ଓ ନଜରଦାରି ବଢ଼ାଯାଇଥିଲା । ଜରୁରୀ ସେବା ଯଥା ହସ୍ପିଟାଲ, ଆମ୍ବୁଲାନ୍ସ ଓ ଔଷଧ ଦୋକାନ ଆଦିକୁ ବନ୍ଦରୁ ବାଦ ଦିଆଯାଇଥିଲା । ରାଜ୍ୟରେ ମୁଖ୍ୟତଃ ଗଗଉଜ ଇଙ୍କରଭୟଙ୍କରଭସ୍ତ ଇମଷ୍ଟ, ୨୦୨୬ ପ୍ରତ୍ୟାହାର, ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟିକୁ ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ପ୍ରସଙ୍ଗରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଇସ୍ତଫା ଏବଂ ବନ୍ୟା ପ୍ରଭାବିତଙ୍କ ପାଇଁ ତୁରନ୍ତ ରିଲିଫ୍ ଦାବିକୁ କେନ୍ଦ୍ର କରି ବନ୍ଦ ଡାକରା ଦିଆଯାଇଥିଲା । ସନ୍ଧ୍ୟା ୬ଟାରେ ବନ୍ଦ ସମାପ୍ତ ହେବା ପରେ କଟକରେ ଧୀରେଧୀରେ ସ୍ୱାଭାବିକ ହେବାକୁ ଲାଗିଥିଲା ଯାତାୟାତ ଓ ବ୍ୟବସାୟିକ କାରବାର । ତେବେ ୧୨ ଘଣ୍ଟିଆ ବନ୍ଦ ଯୋଗୁଁ ଦିନତମାମ ସହରର ସାଧାରଣ ଜନଜୀବନ ଉପରେ ଏହାର ପ୍ରଭାବ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଥିଲା ।

### ଅବଢ଼ା ଯୋଜନାରେ ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ,ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ

# ପ୍ରକଳ୍ପ ପାଇଁ ଅଧିକ ୧୦୦.୮୩ କୋଟି ଟଙ୍କା ବରାଦ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ଅବଢ଼ା ଯୋଜନା ଅଧିନରେ ପୁରୀରେ କାର୍ଯ୍ୟକାରୀ ହେଉଥିବା ଜଗନ୍ନାଥବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ତଥା ମୁସା ନଦୀର ସଂପ୍ରସାରଣ ପ୍ରକଳ୍ପ ପାଇଁ ୬୫୮.୦୩ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ପାଇଁ ପୂର୍ବ ଅପେକ୍ଷା ଅଧିକ ୧୦୦.୮୩ କୋଟି ଟଙ୍କା ବିନିଯୋଗ ହେବ । ଏହି ଅର୍ଥ ମଞ୍ଜୁର କରି



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁଙ୍କ ଧାମର ବିକାଶ ପାଇଁ ଯେତେ ଅର୍ଥ ଆବଶ୍ୟକ ନିଶ୍ଚୟ ଦିଆଯିବ । ଏଥିପାଇଁ ଅର୍ଥର ଅଭାବ ହେବ ନାହିଁ ।

ସୂଚନାଯୋଗ୍ୟ ଯେ, ପୁରୀରେ ଅବଢ଼ା ଯୋଜନାରେ ଜଗନ୍ନାଥ ବଲ୍ଲଭ ପିଲ୍‌ଗ୍ରିମ୍ ସେଂଟର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଏବଂ ଏହା ସହିତ ମୁସା ନଦୀର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ପ୍ରାରମ୍ଭିକ ବଜେଟ ଅନୁଯାୟୀ ଏଥିପାଇଁ ୫୫୭.୧୯ ଟଙ୍କା ମଞ୍ଜୁର ହୋଇଥିଲା । ତେବେ ଏହି ପ୍ରକଳ୍ପରେ ଆଉ ଅଧିକ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇଛି । ଜେବିପିସିର ପଞ୍ଚମ ମହଲାରେ ୨ ହଜାର ଆସନ ବିଶିଷ୍ଟ ଏକ ମଲ୍‌ଟି ପର୍ପୋଜ୍ ହଲ୍ ନିର୍ମାଣ କରିବା ପାଇଁ ନିଷ୍ପତି ନିଆଯାଇଛି । ଏହାସହିତ ପ୍ରକଳ୍ପଜନିତ ଅନ୍ୟାନ୍ୟ ଆବଶ୍ୟକତା ଯୋଗୁ ଏଥିପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିଲା । ମୁଖ୍ୟମନ୍ତ୍ରୀ ଏହି ଆବଶ୍ୟକତାକୁ ଅନୁଭବ କରି ପ୍ରକଳ୍ପ ମୂଲ୍ୟ ବୃଦ୍ଧି କରି ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ୬୫୮,୦୩,୭୦,୦୦୦ ଟଙ୍କା ମଞ୍ଜୁର କରିଛନ୍ତି । ଏହା ଦ୍ୱାରା ପ୍ରକଳ୍ପ ମୂଲ୍ୟରେ ୧୦୦,୮୩,୮୫,୦୦୦ ଟଙ୍କା ବୃଦ୍ଧି ପାଇଛି ।

# ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରୁ ନିଆଳି ରାସ୍ତାକୁ ସଂଯୋଗ ରାସ୍ତା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉପକଣ୍ଠ ବାଲିଅନ୍ତାରୁ ନିଆଳି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ସାଧାରଣ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହା ବର୍ତ୍ତମାନ ଏକ ଜନବହୁଳ ରାସ୍ତା ଏବଂ ଏଥିରେ ବହୁ ଭାରି ଯାନମାନ ଯାତାୟତ କରୁଛି । ଏହି ସଂକୀର୍ଣ୍ଣ ଓ ବ୍ୟସ୍ତ ବହୁଳ ରାସ୍ତାକୁ ବାଲିଅନ୍ତା ହାଇସ୍କୁଲ ନିକଟ ବାମ ପଟରେ ଥିବା ନାଳ ବନ୍ଧର ଅଟଳା ବା ସୋଲ ସଫେଇ ନାଳବନ୍ଧ ସହ ସଂଯୁକ୍ତ କରାଯାଇପାରନ୍ତା ତେବେ ଲୋକ ଯାତାୟତ ସୁବିଧାରେ ହୋଇପାରନ୍ତା । ଏଥିପାଇଁ ଭୁବନେଶ୍ୱରସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେଲେ ରାସ୍ତାଟିର ଉନ୍ନତି କରଣ ହେବା ସହ ସହଜ ରାସ୍ତାଟିଏ ବାହାରି ପାରନ୍ତା ।

# ପ୍ରଥମ ଛଅ ମାସରେ ୧୨୦.୭୬ ମିଲିୟନ ଟନ୍ ପଣ୍ୟ ବୋଝେଇ

# ଗତବର୍ଷ ତୁଳନାରେ ୩.୪% ବୃଦ୍ଧି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ରେ ପଣ୍ୟ ବୋଝେଇ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୂର୍ବ ତଟ ରେଳପଥ ୧୨୦.୭୬ ମିଲିୟନ ଟନ୍(ଏମ୍‌ଟି) ପଣ୍ୟ ବୋଝେଇ କରିଛି । ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହା ୧୧୬.୭୮ ମିଲିୟନ ଟନ୍ ଥିବାବେଳେ, ଚଳିତ ବର୍ଷ ପଣ୍ୟ ବୋଝେଇରେ ୩.୪% ଅଭିବୃଦ୍ଧି ହାସଲ ହୋଇଛି । ପୂର୍ବ ତଟ ରେଳପଥ ଦ୍ୱାରା ନିରନ୍ତର ଏବଂ ସମନ୍ୱିତ ପ୍ରଚେଷ୍ଟା, ଦକ୍ଷ ପଣ୍ୟ ପରିବହନ ପରିଚାଳନା ଏବଂ ପଣ୍ୟ ବୋଝେଇ କାର୍ଯ୍ୟର ନିରବଚ୍ଛିନ୍ନତା ସୁନିଶ୍ଚିତ କରିବା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି । ପ୍ରଭାବଶାଳୀ ଯୋଜନା, ବିଭିନ୍ନ ହିତଧାରୀଙ୍କ ସହ ଘନିଷ୍ଠ ସମନ୍ୱୟ ଏବଂ ମଣ୍ଡଳଗୁଡ଼ିକରେ ପଣ୍ୟ ପରିବହନ କାର୍ଯ୍ୟର ସୁଦକ୍ଷ ପରିଚାଳନା ମାଧ୍ୟମରେ ପୂର୍ବତଟ ରେଳପଥ ପଣ୍ୟ ବୋଝେଇ ଓ ପରିବହନକୁ ସ୍ଥିର ରଖିବା ସହ ସାମଗ୍ରିକ ପଣ୍ୟ ପରିବହନ ପ୍ରଦର୍ଶନରେ ଅଭିବୃଦ୍ଧି ହାସଲ କରିଛି । ତିନୋଟି ମଣ୍ଡଳ ମଧ୍ୟରୁ, ଖୋର୍ଦ୍ଧା ରୋଡ୍ ମଣ୍ଡଳ



ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ୮୭.୬୪ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ଗତବର୍ଷ ତୁଳନାରେ ୧.୭% ଅଭିବୃଦ୍ଧି ହାସଲ କରିଛି । ରାୟଗଡ଼ା ମଣ୍ଡଳ ୧୯.୯୭ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୮.୮% ଅଭିବୃଦ୍ଧି ହାସଲ କରିଥିବାବେଳେ, ସମ୍ବଲପୁର ମଣ୍ଡଳ ୧୩.୧୫ ମିଲିୟନ ଟନ୍ ପଣ୍ୟ ବୋଝେଇ କରି ୭.୩% ଅଭିବୃଦ୍ଧି ହାସଲ କରିଛି । ପୂର୍ବ ତଟ ରେଳପଥର ପଣ୍ୟ ବୋଝେଇରେ କୋଇଲା ପ୍ରମୁଖ ଯୋଗଦାନକାରୀ ଭାବେ ରହିଛି । ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ କୋଇଲା ବୋଝେଇ ୭୧.୦୧ ମିଲିୟନ ଟନ୍ ହୋଇଛି । ଗତବର୍ଷର ସମାନ ଅବଧିରେ ୬୮.୪୬ ମିଲିୟନ ଟନ୍ କୋଇଲା ବୋଝେଇ ହୋଇଥିବାବେଳେ, ଚଳିତ ବର୍ଷ ଏଥିରେ ୩.୭% ଅଭିବୃଦ୍ଧି ହୋଇଛି । ଲୌହପଥର ବୋଝେଇରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହୋଇଛି । ଲୌହପଥର ବୋଝେଇ ୧୭.୧୯ ମିଲିୟନ ଟନ ବୃଦ୍ଧି ପାଇ ୧୯.୬୦ ମିଲିୟନ ଟନରେ ପହଞ୍ଚିଛି, ଯାହା ୧୪.୦% ଅଭିବୃଦ୍ଧି ଦର୍ଶାଉଛି । କଣ୍ଟେନର ବୋଝେଇରେ ମଧ୍ୟ ୭.୮% ଅଭିବୃଦ୍ଧି ହୋଇ ୨.୧୦ ମିଲିୟନ ଟନରେ ପହଞ୍ଚିଛି । ଲୌହ ଓ ଇସ୍ପାତ ବୋଝେଇରେ ୦.୩% ସାମାନ୍ୟ ଅଭିବୃଦ୍ଧି ହୋଇଛି । ଲୌହପଥର ବୋଝେଇରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ ହୋଇଛି । ଲୌହପଥର ବୋଝେଇ ଗତବର୍ଷର ୧୭.୧୯ ମିଲିୟନ ଟନ୍ ତୁଳନାରେ ବୃଦ୍ଧି ପାଇ ୧୯.୬୦ ମିଲିୟନ ଟନରେ ପହଞ୍ଚିଛି, ଯାହା ୧୪.୦% ଅଭିବୃଦ୍ଧି ଦର୍ଶାଉଛି । ସେହିପରି, କଣ୍ଟେନର ବୋଝେଇରେ ୭.୮% ଅଭିବୃଦ୍ଧି ହୋଇ ଏହା ୨.୧୦ ମିଲିୟନ ଟନରେ ପହଞ୍ଚିଛି । ଲୌହ ଓ ଇସ୍ପାତ ବୋଝେଇରେ ମଧ୍ୟ ୦.୩% ଅଭିବୃଦ୍ଧି ରେକର୍ଡ ହୋଇଛି । ଚଳିତ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ଅନ୍‌ଲୋଡିଂ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି । ଏପ୍ରିଲରୁ ସେପ୍ଟେମ୍ବର ୨୦୨୬ ମଧ୍ୟରେ ପୂର୍ବ ତଟ ରେଳପଥ ୧୦୯.୬୬ ମିଲିୟନ ଟନ୍ ମାଲ ଅନ୍‌ଲୋଡ୍ କରିଛି । ଗତବର୍ଷର ସମାନ ଅବଧିରେ ୧୦୦.୧୧ ମିଲିୟନ ଟନ୍ ତୁଳନାରେ ଏହା ୧୦% ଅଭିବୃଦ୍ଧି ହୋଇଛି । ମଣ୍ଡଳଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ସର୍ବାଧିକ ୭୮.୩୩ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୧୧% ଅଭିବୃଦ୍ଧି ହାସଲ କରିଛି । ସମ୍ବଲପୁର ମଣ୍ଡଳ ୨୨.୮୪ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୬% ଅଭିବୃଦ୍ଧି ହାସଲ କରିଥିବାବେଳେ, ରାୟଗଡ଼ା ମଣ୍ଡଳ ୮.୪୯ ମିଲିୟନ ଟନ୍ ପଣ୍ୟ ଅନ୍‌ଲୋଡ୍ କରି ୩% ଅଭିବୃଦ୍ଧି ହାସଲ କରିଛି ।

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳିରେ ବିଦାୟ ନେଲେ ସହିଦ ଭି ତେଜା

**ରାୟଗଡା, ନ୍ୟୁଜ ବ୍ୟୁରୋ**

ଦେଶ ସେବାର ସ୍ୱପ୍ନ ପୂରଣ ହେଲା, ହେଲେ ନିଜ ଜୀବନକୁ ନେଇ ଦେଖିଥିବା ସୁନେଲି ସ୍ୱପ୍ନ ରହିଗଲା ଅଧୁରା । ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା, ନୂଆ ଘର ତିଆରି ସରିଥିଲା, ହେଲେ ନିୟତିର ନିର୍ଦ୍ଦେଶ ଥିଲା କିଛି ଅଲଗା । ନିଜ ୩୧ତମ ଜନ୍ମଦିନରେ ରାୟଗଡାର ଯୁବକ ତଥା ଭାରତୀୟ ସେନାର ଆସାମ ରାଇଫଲସର ଜବାନ ସହିଦ ଭି ତେଜାଙ୍କ ଚିତା ଜଳିଛି । ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ, ଶହ ଶହ ଲୋକ ଅଶ୍ରୁଳ



ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ନାଗାଲାଣ୍ଡରେ କାର୍ଯ୍ୟରତ ଅବସ୍ଥାରେ ଗତ ସୋମବାର ସହିଦ ହୋଇଥିଲେ ରାୟଗଡାର ଭି ତେଜା । ଭାରତୀୟ ସେନାର ଆସାମ ରାଇଫଲସରେ ଯବାନ ଭାବେ ସେ କାର୍ଯ୍ୟରତ ଥିଲେ । ତେଜାଙ୍କ ପାର୍ଥିବ ଶରୀରକୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନାଗାଲାଣ୍ଡରୁ ହାଇଦ୍ରାବାଦ ଦେଇ ବିଶାଖାପାଟଣା ଅଣାଯାଇଥିଲା । ସେଠାରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଗତକାଲି ରାତି ପ୍ରାୟ ୧୦ଟା ୩୦ରେ ରାୟଗଡାରେ ପହଞ୍ଚିଥିଲା ପାର୍ଥିବ ଶରୀର । ରାୟଗଡା ପହଞ୍ଚିବା ପରେ ତେଜାଙ୍କ ପାର୍ଥିବ ଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ କତୁରୁସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା । ପ୍ରିୟ ଜବାନଙ୍କ ଶେଷ ଦର୍ଶନ ପାଇଁ ସହରର ଶହ ଶହ ଲୋକ ଘର ସମ୍ମୁଖରେ ଏକାଠି ହୋଇଥିଲେ । ବିଜେପି, କଂଗ୍ରେସ ଓ ବିଜେଡିର ନେତାମାନେ ମଧ୍ୟ ତେଜାଙ୍କ ବାସଭବନରେ ପହଞ୍ଚି ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଆଜି ତେଜାଙ୍କ ବାସଭବନରେ ସାମରିକ ମର୍ଯ୍ୟାଦା ସହ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ରାୟଗଡା ବିଧାୟକ ଆପାଲା ସ୍ୱାମୀ କାଡ୍ରାକାଙ୍କ ସମେତ ହଜାର ହଜାର ଲୋକ ଉପସ୍ଥିତ ରହି ସହିଦ ତେଜାଙ୍କ ପାର୍ଥିବ ଶରୀରକୁ ଶେଷ ସମ୍ମାନ ଜଣାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨ ଘଣ୍ଟିଆ...

ପରେ କଂଗ୍ରେସ ଓ ସିପିଆଇ(ଏମ୍) କର୍ମୀଙ୍କ ସହ ତାଙ୍କର ତୀବ୍ର ବାକ୍‌ବିତଣ୍ଡା ହୋଇଥିଲା ।

ବନ୍ଦ ଯୋଗୁଁ ଅନେକ ଅଞ୍ଚଳରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହୋଇଥିଲା । ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଏବଂ ଅତ୍ୟାବଶ୍ୟକ ସେବା ଯେପରି ନିରବଚ୍ଛିନ୍ନ ଭାବେ ଜାରି ରହେ, ସେଥିପାଇଁ ପ୍ରଶାସନ ଓ ପୁଲିସ ପକ୍ଷରୁ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

**ଓଡ଼ିଶାରେ କଂଗ୍ରେସ ବନ୍ଦ ଡାକରା ସଫଳ- ଭକ୍ତ ଦାସ**

ଇଣ୍ଡି ମେଣ୍ଟ ପକ୍ଷରୁ ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ଦାବିକୁ ନେଇ ଦିଆଯାଇଥିବା ଓଡିଶା ବନ୍ଦ ଡାକରା ସଫଳ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ଶ୍ରୀ ଦାସ କହିଥିଲେ ଯେ, ଓଡିଶା ବନ୍ଦ ବ୍ୟାପକ ଜନସମର୍ଥନ ଯୋଗୁ ସଫଳ ହୋଇଛି । ଆମେ ବହୁ ପୂର୍ବରୁ ଲୋକଙ୍କୁ ଅବଗତ କରାଇଥିଲୁ । ଜିଲ୍ଲାରୁ ପଞ୍ଚାୟତ ପର୍ଯ୍ୟନ୍ତ ଆମେ ବନ୍ଦ ପାଇଁ ଅପିଲ କରିଥିଲୁ । ତେଣୁ ଏହାର ବିଶେଷ ପ୍ରଭାବ ପଡ଼ିଛି ।

### ମୁଖ୍ୟମନ୍ତ୍ରୀଙ୍କ...

ଭାବେ ଅବସ୍ଥାପିତ କରାଯାଇଛି । ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗର ଅତିରିକ୍ତ ଶାସନ ସଚିବ ନିବେଦିତା ବିଶ୍ୱାଳଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ କରାଯାଇଛି ।

### ପ୍ରସିଦ୍ଧ ଅଭିନେତା...

ଜିଲ୍ଲାର ମୁରୁଡ-ଜଞ୍ଜିରାରେ ହୋଇଥିଲା । ସେ କେବଳ ଅଭିନେତା ନୁହେଁ, ବରଂ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଓ ଲେଖକ ମଧ୍ୟ ଥିଲେ । ନାନା ପାଟେକର ୧୯୭୮ର ଫିଲ୍ମ 'ଗମନ'ରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ । ପ୍ରାରମ୍ଭିକ ସମୟରେ ସେ ମରାଠୀ ଓ ହିନ୍ଦୀ ଉଭୟ ସିନେମାରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ୧୯୮୮ରେ ମୁକ୍ତିଲାଭ କରିଥିବା ମୀରା ନାୟରଙ୍କ ଫିଲ୍ମ 'ସଲାମ ବମ୍ବେ' ତାଙ୍କୁ ବିଶେଷ ପରିଚୟ ଦେଇଥିଲା । ୧୯୮୯ର ଚର୍ଚ୍ଚିତ ଫିଲ୍ମ 'ପରିନ୍ଦା' ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟର୍ଣ୍ଣିଂ ପଏଣ୍ଟ୍ ସାବ୍ୟସ୍ତ ହୋଇଥିଲା । ଏଥିରେ ଜଣେ ଗ୍ୟାଙ୍ଗଷ୍ଟରଙ୍କ ପ୍ରଭାବଶାଳୀ ଭୂମିକା ପାଇଁ ତାଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଓ ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

ଦୀର୍ଘ ଚଳଚ୍ଚିତ୍ର ଯାତ୍ରାରେ ସେ ଅନେକ ଚ୍ୟାଲେଞ୍ଜିଂ ଭୂମିକାକୁ ପରଦାରେ ଜୀବନ୍ତ କରିଥିଲେ । 'ଅଙ୍କୁଶ', 'ପ୍ରତିଘାତ', 'ପ୍ରହାର', 'ତିରଙ୍ଗା', 'କ୍ରାନ୍ତିବୀର', 'ଅଗ୍ନିସାକ୍ଷୀ', 'ଖାମୋଶୀ: ଦ ମ୍ୟୁଜିକାଲ', 'ଅବ ତକ୍ ଛପ୍ପନ', 'ଅପହରଣ', 'ରାଜନୀତି' ଭଳି ଗମ୍ଭୀର ଓ ସଂଜିଦା ଫିଲ୍ମ ବ୍ୟତୀତ 'ୱେଲକମ୍' ଓ 'ୱେଲକମ୍ ବ୍ୟାକ୍' ଭଳି ହାସ୍ୟରସାତ୍ମକ ଫିଲ୍ମରେ ମଧ୍ୟ ତାଙ୍କ ଉତ୍କୃଷ୍ଟ ଅଭିନୟ ମାଧ୍ୟମରେ ସେ ନିଜର ବହୁମୁଖୀ ପ୍ରତିଭାର ପ୍ରମାଣ ଦେଇଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂହଙ୍କ ସମେତ ଅନେକ ନେତା ଗୁରୁବାର ଦିନ ବଲିଉଡର ଭେଟେରାନ୍ ଅଭିନେତା ନାନା ପାଟେକରଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ପ୍ରଭାତୀ ପରିଡା ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖ ନାନା ପାଟେକରଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି ।

### ଅର୍ଥମନ୍ତ୍ରୀଙ୍କ ବଡ଼ ...

ଆଉ କୌଣସି ବ୍ୟକ୍ତିଙ୍କୁ ସିଧାସଳଖ ଗିରଫ କରିପାରିବେ ନାହିଁ । ଯଦି କୌଣସି ଅପରାଧିକ ମାମଲା ପ୍ରମାଣିତ ହୁଏ । ତା'ହେଲେ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଅନୁମତି କ୍ରମେ କେବଳ ତଦନ୍ତକାରୀ ସଂସ୍ଥା ଗିରଫ କରିପାରିବେ । ଜିଏସଟି ଅଧିକାରୀମାନେ ବର୍ତ୍ତମାନ କେବଳ ବାକି ଟିକସ ଆଦାୟ କରିବା, ସୁଧ ଏବଂ ଜରିମାନା ଉପରେ ଧ୍ୟାନ ଦେବେ ।

ଏହାବାଦ ଅପରାଧିକ ମାମଲା ପାଇଁ ପୂର୍ବରୁ ଥିବା ସୀମାକୁ ୧ କୋଟି ଟଙ୍କାରୁ ବଢ଼ାଇ ୫ କୋଟି ଟଙ୍କା କରାଯାଇଛି । ଅର୍ଥାତ୍ ୫ କୋଟିରୁ କମ୍ ଟଙ୍କାର ଟିକସ ହେରଫେର କ୍ଷେତ୍ରରେ ଅପରାଧିକ ମାମଲା ଲାଗୁ ହେବ ନାହିଁ ।

ବ୍ୟବସାୟ ସହଜ କରିବା ଓ ଟିକସଦାତାମାନେ ସାମ୍ନା କରୁଥିବା ଚାପକୁ ହ୍ରାସ କରିବା ପାଇଁ ଜିଏସଟି ପରିଷଦ ଏପରି ପଦକ୍ଷେପ ନେଇଥିବା ବୈଠକ ପରେ ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

ଆଜିର ବୈଠକରେ ହୋଇଥିବା ସମସ୍ତ ନିଷ୍ପତ୍ତି ୨୦୨୭ ଏପ୍ରିଲ ୧ରୁ ଲାଗୁ ହେବ ବୋଲି ଘୋଷଣା କରାଯାଇଛି ।

### ବ୍ୟାସନଗର କଲେଜ ...

ଏହା ସହିତ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଇନ-ଏ-ଡାଏ ଘୋଷଣା କରାଯାଇଛି । ଶୁକ୍ରବାର ସକାଳ ସୁଦ୍ଧା ହଷ୍ଟେଲ ଛାଡ଼ିବାକୁ ଶିକ୍ଷାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ଯାଜପୁର ଜିଲ୍ଲା ମୁଗୁପାଳ ସ୍ଥିତ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି । ଅନିବାର୍ଯ୍ୟ ପରିସ୍ଥିତିର କାରଣ ଦର୍ଶାଇ କର୍ମଚାରୀ ସଂଘ (ଉଭୟ ଶିକ୍ଷକ ଓ ଅଣ-ଶିକ୍ଷକ)ର ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଏଭଳି ନିଷ୍ପତ୍ତି ନିଆଯାଇଥିବା ନେଇ କଲେଜ ଅଧକ୍ଷଙ୍କ ଦ୍ୱାରା ଜାରି ନୋଟିସ୍‌ରେ ଉଲ୍ଲେଖ ରହିଛି । ତେବେ ନିର୍ବାଚନ ବାତିଲ କରାଯିବାକୁ ନେଇ ଗୁରୁବାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । ସେମାନେ ଅଧକ୍ଷଙ୍କୁ ଘେରାଉ କରିଥିଲେ ।

### ଏସ୍‌ସିବିରେ ରୋଗୀ ...

ସେଦିନ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟଙ୍କ ଭୂମିକା ତଦନ୍ତର ପରିସରକୁ ଆସିଥିଲା, ତେବେ ସେମାନଙ୍କ ଠାରୁ ପୁଲିସ କ'ଣ ତଥ୍ୟ ପାଇଛି ? ସେମାନଙ୍କ ବୟାନ ସିସିଟିଭି ଫୁଟେଜ୍ ସହ ମେଳ ଖାଉଛି କି ? ଘଟଣା ସମୟରେ ଆଉ କେହି ଉପସ୍ଥିତ ଥିଲେ କି ? ରୋଗୀଙ୍କୁ କେବଳ ନିୟନ୍ତ୍ରଣ କରାଯାଇଥିଲା ନା ତାଙ୍କ ଉପରେ ଶାରୀରିକ ଆକ୍ରମଣ ହୋଇଥିଲା ଏସବୁ ପ୍ରଶ୍ନର ଉତ୍ତର ତଦନ୍ତରୁ ସ୍ପଷ୍ଟ ହେବା ଦରକାର ।

ହସ୍ପିଟାଲର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ମଧ୍ୟ କହିଥିଲେ ଯେ ଜଣେ ରୋଗୀଙ୍କୁ ନିଜକୁ କିମ୍ବା ଅନ୍ୟକୁ କ୍ଷତିରୁ ରୋକିବା ପାଇଁ ଶାରୀରିକ ଭାବେ ନିୟନ୍ତ୍ରଣ କରାଯାଇପାରେ, କିନ୍ତୁ କୌଣସି ରୋଗୀଙ୍କୁ ଶାରୀରିକ ଭାବେ ଆକ୍ରମଣ କରିବାର ଯଥାର୍ଥତା ନାହିଁ । ତେଣୁ ଏହି ଘଟଣାରେ ରୋଗୀଙ୍କୁ ନିୟନ୍ତ୍ରଣ କରିବା ଓ ଅଭିଯୋଗ ଅନୁଯାୟୀ ମାଡ଼ ମାରିବା ମଧ୍ୟରେ ପ୍ରକୃତରେ କ'ଣ ଘଟିଥିଲା, ତାହା ତଦନ୍ତରେ ସ୍ପଷ୍ଟ କରାଯିବା ଆବଶ୍ୟକ ।

ଅନ୍ୟପକ୍ଷରେ, ପୋଷ୍ଟମର୍ଟମରେ ଶ୍ରୀକାନ୍ତଙ୍କ ଶରୀରରେ ଏକାଧିକ ଆଘାତ ଚିହ୍ନ ମିଳିଥିବା ନେଇ ରିପୋର୍ଟ ଆସିଛି । ତେବେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ପାଇଁ ଭିସେରା ଓ ଅନ୍ୟାନ୍ୟ ଫରେନସିକ୍ ରିପୋର୍ଟକୁ ଅପେକ୍ଷା କରାଯାଉଛି ।

ଏପଟେ ଘଟଣାର ସିଟିଟିଭି ଫୁଟେଜ୍ ପୁଲିସ ହାସଲ କରି ଯାଞ୍ଚ କରୁଥିବା ପୂର୍ବରୁ କୁହାଯାଇଥିଲା । ହେଲେ ଏହି ଫୁଟେଜ୍‌ରେ ସେଦିନର ପ୍ରକୃତ ଘଟଣା କ'ଣ ରେକର୍ଡ ହୋଇଛି, ତାହା ଏଯାଏ ସାର୍ବଜନୀନ ହୋଇନାହିଁ । ତେଣୁ ସିସିଟିଭି ଫୁଟେଜ୍, ଡ୍ୟୁଟି ରୋଷ୍ଟର, ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟଙ୍କ ବୟାନ, ମେଡିକାଲ ରେକର୍ଡ ଏବଂ ଫରେନସିକ୍ ରିପୋର୍ଟ ସମସ୍ତ ଦିଗକୁ ମିଶାଇ ତଦନ୍ତ ହେବା ଆବଶ୍ୟକ ।

ଏହି ଘଟଣା ପରେ ଏବେ ସାଧାରଣରେ ଅନେକ ପ୍ରଶ୍ନ : ସେଦିନ ଡ୍ୟୁଟିରେ ଥିବା ସୁରକ୍ଷାକର୍ମୀ ଓ ଆଟେଣ୍ଡାଣ୍ଟଙ୍କ ପ୍ରକୃତ ଭୂମିକା କ'ଣ ଥିଲା ? ସେମାନଙ୍କ ବୟାନ ଓ ସିସିଟିଭି ଫୁଟେଜ୍‌ରେ କ'ଣ ସମାନତା ବା ଅସମାନତା ରହିଛି ? କେଉଁ ପରିସ୍ଥିତିରେ ସେମାନଙ୍କୁ ପଚରାଉଚରା କରାଯାଇଥିଲା ? ଶ୍ରୀକାନ୍ତଙ୍କୁ ନିୟନ୍ତ୍ରଣ କରାଯାଇଥିଲା ନା ଅଭିଯୋଗ ଅନୁଯାୟୀ ତାଙ୍କୁ ମାଡ଼ ମରାଯାଇଥିଲା ? କୁଆଡ଼େ ଗଲା ସେଦିନର ସିସିଟିଭି ଫୁଟେଜ୍ ? କେବେ ସାମ୍ନାକୁ ଆସିବ ସେଦିନର ପ୍ରକୃତ ସତ୍ୟ ? କେବେ ହେବ ଏହି ଘଟଣାର ସମ୍ପୂର୍ଣ୍ଣ ଓ ନିରପେକ୍ଷ ତଦନ୍ତ ? ପୁଲିସ କେବେ ଏହି ମାମଲାରୁ ଉଠାଇବ ପରଦା ? ଏବେ ତଦନ୍ତର ଫଳାଫଳ ହିଁ ସ୍ପଷ୍ଟ କରିବ ସେଦିନ ଏସସିବିର ମାନସିକ ସ୍ୱାସ୍ଥ୍ୟ ବିଭାଗରେ ପହଙ୍ଗା ଅଞ୍ଚଳର ରୋଗୀ ଶ୍ରୀକାନ୍ତ ଦାସଙ୍କ ସହ ପ୍ରକୃତରେ କ'ଣ ଘଟିଥିଲା ଏବଂ ତାଙ୍କ ମୃତ୍ୟୁ ପଛରେ କାହାର କିଛି ଭୂମିକା ଥିଲା କି ନାହିଁ ।

## 'ନୂଆଁଖାଇ ଆତ୍ମୀୟତା, ପରମ୍ପରା ଓ ଏକତାର ପ୍ରତୀକ'

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆତ୍ମୀୟତା, ପରମ୍ପରା ଓ ଏକତାର ପ୍ରତୀକ ବୋଲି ଗୁରୁବାର ସମ୍ବଲପୁର କୁଚିଣ୍ଡାରେ ଆୟୋଜିତ 'ନୂଆଁଖାଇ ଭେଟଘାଟ-୨୦୨୬' ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । କଳା ପରିଷଦ, କୁଚିଣ୍ଡା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ନୂଆଁଖାଇ ଭେଟଘାଟ ପର୍ବର ପବିତ୍ରତା, ଭାଇଚାରା ଓ ଆତ୍ମୀୟତାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । କୁଚିଣ୍ଡାର ସାଂସ୍କୃତିକ ଐତିହ୍ୟକୁ ପ୍ରଶଂସା କରି କହିଥିଲେ ଯେ, କୁଚିଣ୍ଡା ଓଡ଼ିଶାର ଏକ ପ୍ରମୁଖ ସାଂସ୍କୃତିକ କେନ୍ଦ୍ର । ଆଜିକୁ ପ୍ରାୟ ୭୦ ବର୍ଷ ପୂର୍ବେ, ୧୯୫୫ ମସିହାରେ କୁଚିଣ୍ଡା କଳା ପରିଷଦ ଗଠନ ହୋଇଥିଲା । ଏହା ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଥିବା ଗଭୀର ନିଷ୍ଠାର ଏକ ଜ୍ୱଳନ୍ତ ପ୍ରମାଣ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପାନୀୟ ଜଳ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ବିଶିଷ୍ଟ ସାଂସ୍କୃତିକ ବ୍ୟକ୍ତିତ୍ୱ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଇଣ୍ଡିଆ ମେଣ୍ଟର ଓଡ଼ିଶା ବନ୍ଦ : ବାରିପଦାରେ ଯାନବାହନ ଚଳାଚଳ ଠପ୍

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଇଣ୍ଡି ମେଣ୍ଟ ପକ୍ଷରୁ ଗୁରୁବାର ଦିଆଯାଇଥିବା ରାଜ୍ୟବ୍ୟାପୀ ବନ୍ଦ ଡାକର ପ୍ରଭାବ ମୟୂରଭଞ୍ଜ ଜିଲ୍ଲାରେ ଦେଖିବାକୁ ମିଳିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଏମଏମଡିଆର ସଂଶୋଧନ ଆଇନ-୨୦୨୬କୁ ରଦ୍ଦ, ଅଗଣତାନ୍ତ୍ରିକ ଓ ଏକଛତ୍ରବାଦୀ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ ସହିତ ତାଙ୍କ ବିରୋଧରେ ଉଠିଥିବା ସମସ୍ତ ଅଭିଯୋଗର ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ, ରାଜ୍ୟର ଅବନତିଶୀଳ ଶିକ୍ଷା ବ୍ୟବସ୍ଥା ପାଇଁ ଅପାରଗ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ବନ୍ୟା ପ୍ରଭାବିତ ଜନଗଣଙ୍କୁ ତୁରନ୍ତ ସଠିକ କ୍ଷତି ପୂରଣ ଓ ସହାୟତା ପ୍ରଦାନ ପ୍ରମୁଖ ୪ଟି ଦାବିରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନର ପ୍ରଭାବ ଜିଲ୍ଲା ସଦର ମହକୁମା ବାରିପଦାରେ ଦେଖିବାକୁ ମିଳିଛି । ସହରରେ ବସ ସମେତ ବିଭିନ୍ନ ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ଦୋକାନ ବଜାର ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା । ବାରିପଦା ସହର



ଦେଇ ଯାଇଥିବା ଜାତୀୟ ରାଜପଥ-୧୮ର ପାଲବଣୀ ଓ ଦାମୋଦରପୁର ଛକ ନିକଟରେ ଇଣ୍ଡି ମେଣ୍ଟର କର୍ମୀମାନେ ପିକେଟିଂ କରି ବିଭିନ୍ନ ଯାନବାହନକୁ ଅଟକାଇଥିଲେ । ଫଳରେ ରାସ୍ତା କଡ଼ରେ ଶହ ଶହ ଗାଡ଼ି ଛିଡ଼ାହୋଇ ରହିଥିଲା । ସହରର ବିଭିନ୍ନ ସ୍ଥାନରେ ମଧ୍ୟ କର୍ମୀମାନେ ଶାନ୍ତିଶୃଙ୍ଖଳାର ସହ ପିକେଟିଂ କରୁଥିବା ଦେଖାଯାଇଛି । ବନ୍ଦ ଯୋଗୁଁ ରାସ୍ତାଘାଟରେ ଯାନ-ବାହନ ଚଳାଚଳ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ବେଳେ ସାଧାରଣ ଜନଜୀବନ ମଧ୍ୟ ପ୍ରଭାବିତ ହୋଇଛି । ତେବେ କୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ ହେବା ସହ ପାଟ୍ରୋଲିଂକୁ କଡାକଡି କରାଯାଇ ଥିଲା । ଅନ୍ୟପକ୍ଷରେ, ବନ୍ଦକୁ ନେଇ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଇଣ୍ଡି ବ୍ଲକର ସହଯୋଗୀ ଦଳ ସିପିଆଇର ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିପିଏମର ରବି ଗୋସ୍ୱାମୀ ପ୍ରମୁଖ ଜିଲ୍ଲାର ଜନଗଣଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି ଯେ, ଯଥାର୍ଥ ଦାବିକୁ ନେଇ ଏହି ବନ୍ଦ ଡାକରା ଦିଆଯାଇଥିବାରୁ ଲୋକମାନେ ଏହାକୁ ଗ୍ରହଣ କରିଛନ୍ତି ।

# ଛାତ୍ର ସଂସଦ ନିର୍ବାଚନରେ ପକ୍ଷପାତିତା କରୁଛନ୍ତି ରାଜ୍ୟ ସରକାର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଛାତ୍ର ସଂସଦ ନିର୍ବାଚନରେ ଲିଙ୍ଗଡୋ କମିଶନଙ୍କ ନିୟମକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି । କ୍ୟାମ୍ପସ ରାଜନୀତିରେ ବିଜେପି ନେତା ହସ୍ତକ୍ଷେପ କରୁଛନ୍ତି । ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ କରିବାକୁ ରାଜନୈତିକ ଚାପ ପକାଯାଉଛି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରୀତି ରଞ୍ଜନ ଘଡେଇ କହିଥିଲେ ଛାତ୍ର ସଂସଦ ନିର୍ବାଚନ ନେଇ ପ୍ରକ୍ରିୟା ଜାରି ରହିଥିବା ବେଳେ ନୀତିନିୟମକୁ ଉଲ୍ଲଙ୍ଘନ କରାଯାଇ ଏବିଭିପି ସପକ୍ଷରେ ନିର୍ବାଚନ ଫଳାଫଳକୁ ନେବା ପାଇଁ ସରକାର ଜୋରଦାର ପ୍ରୟାସ ଆରମ୍ଭ କରିଛନ୍ତି । ଷଡ଼ଯନ୍ତ୍ର କରି ଅନୈତିକ ଉପାୟରେ ଛାତ୍ର ସଂସଦ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବିଜେପି । ବିଜେପି ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ବେନିୟମ ପ୍ରଚେଷ୍ଟା ଜାରି ରଖିଛନ୍ତି ସରକାର । ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ତାହାକୁ ସୁଧାରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି, ଯାହା ଫଳରେ ଜେନ୍ ଜି ମାନେ ସରକାରଙ୍କ ବିରୋଧରେ ଆଜି ରାଜରାସ୍ତାରେ ବିକ୍ଷୋଭ କରୁଛନ୍ତି ।

ଭୁବନେଶ୍ୱର, ୯ ଅକ୍ଟୋବର, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27











ଭୁବନେଶ୍ୱର : କଂଗ୍ରେସ ନେତୃତ୍ୱାଧୀନ ଏଣ୍ଡିଆ ମେଣ୍ଟର ଆହ୍ୱାନ କ୍ରମେ ୧୨ ଘଣ୍ଟିଆ ବନ୍ଦ ପାଳନ ଅବସରରେ ରାଜଧାନୀ ଭୁବନେଶ୍ୱରରେ ରାସ୍ତାଘାଟ ଶୂନଶାନ୍, ଦୋକାନ ବଜାର ଓ ବସ୍ ଚଳାଚଳ ବନ୍ଦ । (ଫଟୋ : ସମ୍ବାଦ କଳିକା)

# କିଟ୍ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପ୍ରୟାସ: ପବ୍ଲିକ ସର୍ଭିସ୍ ଆଶାୟୀଙ୍କୁ କୋଚିଂ ସୁବିଧା




ଭୁବନେଶ୍ୱର, ୮।୧୦
ନ୍ୟୁଜ ବ୍ୟୁରୋ

ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ଥିବା କିଟ୍ କିସ୍ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ମାର୍ଗଦର୍ଶନ ଓ ମେଣ୍ଟରିଂ ପ୍ରଦାନ ଲକ୍ଷ୍ୟରେ କିଟ୍ ଆଇଏଏସ୍ ଏକାଡେମୀ (କିଆସା) ଶୁଭାରମ୍ଭ ହୋଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଏହାର ଉଦ୍ଘାଟନ କରିଥିଲେ। ସୂଚନାଯୋଗ୍ୟ, କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ବୈଷୟିକ ଶିକ୍ଷା ସହ ପବ୍ଲିକ ସର୍ଭିସ ପରୀକ୍ଷା ପାଇଁ ଇଚ୍ଛୁକ ପିଲାଙ୍କୁ ହାତ ପାଆନ୍ତାରେ ବିନାଦେୟରେ କୋଚିଂ ଯୋଗାଇ ଦେବା ନିମନ୍ତେ ଡ. ସାମନ୍ତ ଦୀର୍ଘ ଦିନ ଧରି ପ୍ରୟାସ କରି ଆସୁଥିଲେ।

କିଆସାକୁ ଉଦ୍ଘାଟନ କରି ଡ. ସାମନ୍ତ କହିଲେ, ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ପ୍ରାର୍ଥୀମାନଙ୍କୁ ଉତ୍ତମ ମାଗଦର୍ଶନ ଓ ପ୍ରସ୍ତୁତି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଏକାଡେମୀ ପ୍ରତିଷ୍ଠା କରାଯାଇଛି। କିଟ୍ ଓ କିସ୍ ପରିବାରର ପବ୍ଲିକ ସର୍ଭିସ୍‌ରେ ଯୋଗଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ, ପ୍ରଶିକ୍ଷଣ ଓ ମେଣ୍ଟରିଂ ପାଇଁ କିଆସା ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବ। ଗୁଣାତ୍ମକ ମାର୍ଗଦର୍ଶନ ପାଇଁ ଛାତ୍ରଛାତ୍ରୀମାନେ ପାରମ୍ପରିକ ଭାବେ ଓଡ଼ିଶା ବାହାରକୁ ଯାଇ ସିଭିଲ୍ ସର୍ଭିସ୍ ପ୍ରସ୍ତୁତି ନେଉଥିଲେ। କିଆସା ଶୁଭାରମ୍ଭ ହେବା ଫଳରେ ଏବେ ସେମାନେ ଘର ନିକଟରେ ଏଭଳି ସୁବିଧା ପାଇପାରିବେ ବୋଲି ଡ. ସାମନ୍ତ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଆଇଏସ୍ଏଫ୍ ଆଇଜି ଶିବ କୁମାର ମୋହାଙ୍କା ଯୋଗଦେଇ ଏହି ପଦକ୍ଷେପକୁ ଏକ ଉଲ୍ଲେଖନୀୟ ପ୍ରୟାସ ବୋଲି ବର୍ଣ୍ଣନା କରିଥିଲେ। ସେ କହିଲେ, ସାଧାରଣତଃ ବିଶ୍ୱବିଦ୍ୟାଳୟଗୁଡ଼ିକ ଦକ୍ଷତାର ପ୍ରମାଣପତ୍ର ପ୍ରଦାନ କରିଥାନ୍ତି। ମାତ୍ର କିଆସା ଭଳି ପଦକ୍ଷେପ ପାରମ୍ପରିକ ଶିକ୍ଷାର ସୀମା ଅତିକ୍ରମ କରି ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବ। କିଟ୍ ସ୍କୁଲ ଅଫ ପବ୍ଲିକ ପଲିସି (କେଏସ୍‌ପିପି)ର ନିର୍ଦ୍ଦେଶକ ତଥା କିଆସା ବିଭାଗୀୟ ମୁଖ୍ୟ ବିମ୍ବାଧର ପ୍ରଧାନ କହିଲେ, ଏହି ଏକାଡେମୀ ଅଞ୍ଚଳରେ ପବ୍ଲିକ ସର୍ଭିସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଏକ ପ୍ରତିଷ୍ଠାନଭିତ୍ତିକ ମଞ୍ଚ ସୃଷ୍ଟି କରିବାର ସ୍ୱପ୍ନକୁ ସାକାର କରିଛି । ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ ଓ ମାନବିକତା ମାଧ୍ୟମରେ ସମାଜର ବଞ୍ଚିତ ବର୍ଗଙ୍କୁ ସଶକ୍ତ କରିବା ପାଇଁ କିଟ୍ ନିରନ୍ତର ଭାବେ ଏକ ସୁଦୃଢ଼ ପରିବେଶ ସୃଷ୍ଟି କରିଆସିଛି ବୋଲି ସେ କହିଥିଲେ । ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ଏଲ୍‌ପିର ନିର୍ଦ୍ଦେଶକ ଚନ୍ଦ୍ରଶେଖର ଯାଦବ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ। ଏହି ପଦକ୍ଷେପର ଅଂଶ ଭାବେ କିଟ୍ ଟିଆଇସିଏସ୍ ଏଡୁୱାର୍ଲ୍ଡ ଏଲ୍ଏଲ୍‌ପି ସହ ଭାଗୀଦାରି କରିଛି। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ପାରାଦୀପ ବନ୍ଦରକୁ ଆଉ ଏକ ସଫଳତା : ମେଗା ପୋର୍ଟ ମାନ୍ୟତା ହାସଲ

ପାରାଦ୍ୱୀପ, ୮/୧୦
ନ୍ୟୁଜ ବ୍ୟୁରୋ



ପୂର୍ବ ଭାରତର ଉପକୂଳରେ ଥିବା ପାରାଦୀପ ବନ୍ଦର ଏବେ କେବଳ ଏକ ବୃହତ ବନ୍ଦର ନୁହେଁ ବରଂ ଦେଶର ସାମୁଦ୍ରିକ ଓ ଆର୍ଥିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହୋଇଛି । କାର୍ଗୋ ପରିବହନରେ ରେକର୍ଡ, ଆଧୁନିକ ଲଜିଷ୍ଟିକ୍ସ, ସ୍ୱଚ୍ଛ ଶକ୍ତି, ଡିଜିଟାଲ୍ ପରିଚାଳନା ଓ ଜାହାଜ ନିର୍ମାଣ-ମରାମତି ଭଳି କ୍ଷେତ୍ରରେ ବିସ୍ତାର ସହ ପାରାଦୀପ ଏବେ ଏକ ନୂଆ ବିକାଶ ଅଧ୍ୟାୟରେ ପ୍ରବେଶ କରିଛି। ପାରାଦୀପ ବନ୍ଦରର ସଫଳତାକୁ ନେଇ ପାରାଦୀପ ପୋର୍ଟର ଲୋକ ସମ୍ପର୍କ ଅଧିକାରୀ ରତି ରଞ୍ଜନ ନାୟକ କହିଛନ୍ତି ଯେ "ଆର୍ଥିକ ବର୍ଷ ୨୦୨୫-୨୬ରେ ପାରାଦୀପ ବନ୍ଦର ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ କାର୍ଗୋ ପରିଚାଳନା କରିଛି। ୨୦୧୫-୧୬ରେ ଏହା ୭୬.୩୯ ଏମ୍ଏମ୍‌ଟି ଥିବାବେଳେ ଏକ ଦଶନ୍ଧି ମଧ୍ୟରେ କାର୍ଗୋ ପରିବହନ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ବର୍ତ୍ତମାନ ପ୍ରାୟ ୨୮୯ ଏମ୍ଏମ୍‌ଟିପିଏ କ୍ଷମତା ଥିବା ପାରାଦୀପ ବନ୍ଦରକୁ ୨୦୪୭ ସୁଦ୍ଧା ୫୦୦ ଏମ୍ଏମ୍‌ଟିପିଏରୁ ଅଧିକ କ୍ଷମତାରେ ବିକଶିତ କରିବାର ଲକ୍ଷ୍ୟ ରହିଛି" । ୧୫୦ ଏମ୍ଏମ୍‌ଟିର ବଲ୍କ କାର୍ଗୋ ସୀମା ଅତିକ୍ରମ କରିବା ପରେ ପାରାଦୀପ 'ମେଗା ପୋର୍ଟ' ମାନ୍ୟତା ହାସଲ କରିଛି। ଏହା ବନ୍ଦରର କ୍ଷମତାର ସ୍ୱୀକୃତି ହୋଇଥିବାବେଳେ ଆଗାମୀ ଦିନର ଦାୟିତ୍ୱକୁ ମଧ୍ୟ ବଢ଼ାଇଛି । ଏହି ଯାତ୍ରାରେ ପ୍ରାୟ ୩,୦୦୫ କୋଟି ଟଙ୍କାର ୱେଷ୍ଟର୍ଣ୍ଣ ଡକ୍ ପ୍ରକଳ୍ପ ଏକ ପ୍ରମୁଖ ପଦକ୍ଷେପ। ୨୫ ଏମ୍ଏମ୍‌ଟିପିଏ ଅତିରିକ୍ତ କ୍ଷମତା ସହ ୧୮.୫ ମିଟର ପର୍ଯ୍ୟନ୍ତ ଡ୍ରାଫ୍ଟ ଥିବା କେପ୍-ସାଇଜ୍ ଜାହାଜ ପରିଚାଳନା ପାଇଁ ଏହାକୁ ବିକଶିତ କରାଯାଉଛି। ପାରାଦୀପର ବିକାଶ କେବଳ ବନ୍ଦର ସୀମାରେ ସୀମିତ ନୁହେଁ। ରାଜପଥ, ରେଳପଥ ଓ ୧୦୦ ଏକରର ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ପାର୍କ ମାଧ୍ୟମରେ ଏହା ଏକ ବ୍ୟାପକ ଲଜିଷ୍ଟିକ୍ସ ନେଟୱର୍କ ସହ ଯୋଡ଼ି ହେଉଛି । ଇସ୍ପାତ, ରସାୟନ, ପେଟ୍ରୋକେମିକାଲ୍ସ ଓ ମାନୁଫାକ୍ଚରିଂ ଭଳି ଶିଳ୍ପ ପାଇଁ ଏହା ନୂଆ ସୁଯୋଗ ସୃଷ୍ଟି କରୁଛି। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ମଧ୍ୟ ପାରାଦୀପକୁ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ଭାବେ ବିକଶିତ କରିବାର ଯୋଜନା ରହିଛି। ପ୍ରାୟ ୭୯୭ କୋଟି ଟଙ୍କା ବ୍ୟୟରେ ୪ ଏମ୍ଏମ୍‌ଟିପିଏ କ୍ଷମତାର ସ୍ୱତନ୍ତ୍ର ଜେଟି ଓ ସୁବିଧା ବିକାଶର ପ୍ରସ୍ତାବ ରହିଛି।

ଏହାସହ ପ୍ରସ୍ତାବିତ ଜାହାଜ ନିର୍ମାଣ ଓ ମରାମତି ସୁବିଧା, ଡିଜିଟାଲ୍ ପୋର୍ଟ ପରିଚାଳନା ଭଳି ପ୍ରଯୁକ୍ତି ପାରାଦୀପକୁ ଅଧିକ ଆଧୁନିକ କରୁଛି। ପରିବେଶ ସୁରକ୍ଷା ପାଇଁ ୧୦ ଲକ୍ଷ ଗଛ ରୋପଣ ସହ ଧୂଳି ନିୟନ୍ତ୍ରଣ ଓ ବିଦ୍ୟୁତୀକରଣ ଭଳି ପଦକ୍ଷେପ ମଧ୍ୟ ନିଆଯାଇଛି। ଆଗାମୀ ଦିନରେ ୫୦ ହଜାର କୋଟିରୁ ଅଧିକ ନିବେଶ ସମ୍ଭାବନା ସହ ପାରାଦୀପ ଓଡ଼ିଶାର ସାମୁଦ୍ରିକ ଅର୍ଥନୀତିର ଏକ ବଡ଼ କେନ୍ଦ୍ର ହୋଇପାରେ। ୨୦୩୦ରୁ ୨୦୪୭ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଯୋଜନାରେ ଲଜିଷ୍ଟିକ୍ସ, ସ୍ୱଚ୍ଛ ଶକ୍ତି, ଜାହାଜ ନିର୍ମାଣ, ଶିଳ୍ପ, ଦକ୍ଷ ମାନବ ସମ୍ବଳ ଓ ନୂଆ ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱ ରହିଛି ।'ମେଗା ପୋର୍ଟ' ମାନ୍ୟତା ପାରାଦୀପର ଯାତ୍ରାର ଶେଷ ନୁହେଁ, ବରଂ ଏକ ନୂଆ ଆରମ୍ଭ। କାର୍ଗୋ ପରିଚାଳନାରୁ ଆରମ୍ଭ କରି ଶିଳ୍ପ, ନିବେଶ, ନିଯୁକ୍ତି ଓ ସାମୁଦ୍ରିକ ଅର୍ଥନୀତିରେ କେତେ ବଡ଼ ପ୍ରଭାବ ସୃଷ୍ଟି ହେଉଛି—ଭବିଷ୍ୟତରେ ସେହି ହିଁ ପାରାଦୀପର ସଫଳତାର ପ୍ରକୃତ ମାପକ ହେବ ।

### ଲାଇସେନ୍ସ ନଥାଇ ଚାଲିଥିଲା ଔଷଧ ବିକ୍ରି

# ୨୨୦ ଦୋକାନରେ ଡ୍ରଗ୍ସ ବିଭାଗର ଚଢ଼ଉ

ଭୁବନେଶ୍ୱର ୮।୧୦
ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବେଆଇନ ଔଷଧ ବିକ୍ରି ବିରୋଧରେ ଭେଷଜ ନିୟନ୍ତ୍ରଣ ନିର୍ଦ୍ଦେଶାଳୟର ବଡ଼ ଧରଣର ଚଢ଼ଉ ହୋଇଛି । ପ୍ରାୟ ୨୨୦ଟି ଔଷଧ ଦୋକାନରେ ଚଢ଼ଉ କରାଯାଇଥିବା ବେଳେ ୧୩୭ଟି ଦୋକାନ ବିରୋଧରେ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ଆଇନ ଉଲ୍ଲଂଘନ ନେଇ କାର୍ଯ୍ୟାନୁଷ୍ଠାନ ହୋଇଛି । ଖୋଲିଛି ମାଲ ମାଲ ଔଷଧ ଦୋକାନ । ଲୋକଙ୍କୁ ବିକ୍ରି କରାଯାଉଛି ଔଷଧ । ହେଲେ ସେମାନଙ୍କ ପାଖରେ ନାହିଁ ଲାଇସେନ୍ସ କି ବୈଧ କାଗଜପତ୍ର । ବର୍ଷ ବର୍ଷ ଧରି ପ୍ରଶାସନର ନଜର ଆଢୁଆଳରେ ବେଆଇନ ଭାବେ ଚାଲିଛି ବ୍ୟବସାୟ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୦୮/୧୦/୨୦୨୬
3,65,557/- ଟଙ୍କା
ସୁନା:- ୦୩ ଗ୍ରାମ୍ ୪୦୦ ମିଲିଗ୍ରାମ୍
ରୂପା:- ୧୮୫ଗ୍ରାମ୍୨୦୦ ମିଲିଗ୍ରାମ୍

# ସରକାରୀ ଜମିର ସୁରକ୍ଷା ନେଇ ରାଜସ୍ୱ ପର୍ଷଦର ଦୃଢ଼ ଆଭିମୁଖ୍ୟ

ଭୁବନେଶ୍ୱର, ୦୮/୧୦
ନ୍ୟୁଜ ବ୍ୟୁରୋ

ସରକାରୀ ଜମିର ସୁରକ୍ଷା ନେଇ ଏକ ରିଭିଜନ୍ ମାମଲାର ଶୁଣାଣି କରି ସଦସ୍ୟ, ରାଜସ୍ୱ ପର୍ଷଦ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ସରକାରୀ ଜମି ବ୍ୟକ୍ତିଗତ ନାମରେ ରେକର୍ଡ଼ ଆବେଦନକୁ ଖାରଜ କରି ରାଜସ୍ୱ ବିଭାଗକୁ ଘଟଣାର ତଦନ୍ତ ନିମନ୍ତେ ରାଜସ୍ୱ ପର୍ଷଦଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅଧୀନସ୍ଥ ଓଗାଳପଡା ମୌଜାର ସରକାରୀ ଜମିକୁ ନେଇ ଏକ ରୋଚକ ଘଟଣା ରାଜସ୍ୱ ପର୍ଷଦଙ୍କ ଦୃଷ୍ଟିଗୋଚର ହୋଇଥିଲା । ଏହି ଜମି ଭୁବନେଶ୍ୱର-ଖୋର୍ଦ୍ଧା ଜାତୀୟ ରାଜପଥ ସଂଲଗ୍ନ ଅଟେ। ପ୍ରାୟ ୪.୨୪ ଏକରରୁ ଅଧିକ ଏହି ସରକାରୀ ଜମିର ବର୍ତ୍ତମାନର ମୂଲ୍ୟ ୧୦୦ କୋଟି ଟଙ୍କାରୁ ଅଧିକ। ରାଜସ୍ୱ ରେକର୍ଡରେ ଜମି ସରକାରଙ୍କ ନାମରେ ଥିବାବେଳେ, ଏହାର ମାଲିକାନା, ଲିଜ୍ ଓ ପରବର୍ତ୍ତୀ ହସ୍ତାନ୍ତରକୁ ନେଇ ଏବେ ଉଠିଛି ଅନେକ ପ୍ରଶ୍ନ ।

ଘଟଣା ଟି ଆରମ୍ଭ ହେଉଛି ୧୯୬୮ ମସିହାର ଏକ ଦାବିରୁ। ମାମଲାରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ, ସେତେବେଳେ ଏହି ସରକାରୀ ଜମି ଜଣେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ନାମରେ ଓଜିଏଲଏସ୍ ଆକ୍ଟ ୧୯୬୨ ଅନୁଯାୟୀ ଲିଜ୍ ମାଧ୍ୟମରେ ଦିଆଯାଇଥିଲା । ପରେ ସେହି ଜମି ବିକ୍ରି ହୋଇ ଅନ୍ୟ ବ୍ୟକ୍ତିଙ୍କ ହାତକୁ ଯାଇଥିବା ଦଲିଲରୁ ଜଣାପଡ଼ିଥିଲା। ସେ ଅଧିକାରୀ ସେତେବେଳେ ବନ୍ଦୋବସ୍ତ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସରକାରୀ ଜମି ଜଣେ ଅଧିକାରୀଙ୍କ ନାମରେ ଲିଜ୍ ହୋଇ, ଲିଜ୍ ହୋଇଥିବା ଜମି ପରେ ବିକ୍ରି ହେବା ସମ୍ପର୍କରେ ରାଜସ୍ୱ ପର୍ଷଦ ପ୍ରଶ୍ନ କରିଥିଲେ।

ତେବେ ଓଗାଳପଡାର ଏହି ଜମିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଓଡ଼ିଶା ପ୍ରଶାସନିକ ଅଧିକାରୀ କେଉଁ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ଏହି ଜମି ପାଇଥିଲେ ? କେଉଁ ଯୋଗ୍ୟତା ଆଧାରରେ ତାଙ୍କ ଆବେଦନ ଗ୍ରହଣ ହୋଇଥିଲା ? ଏହି ସବୁ ପ୍ରଶ୍ନର ଉତ୍ତର ମୂଳ ଲିଜ୍ ଫାଇଲ୍‌ରେ ଥିବା ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ତେବେ, ଏହି ମୂଳ ରେକର୍ଡ ବର୍ତ୍ତମାନ ଜଟଣୀ ତହସିଲ କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ ବୋଲି ଜଟଣୀ ତହସିଲଦାର ଅଦାଲତରେ ଦାଖଲ କରିଥିବା ରିପୋର୍ଟରୁ ଜଣାପଡ଼ିଛି। ଏହି ରେକର୍ଡର ଅନୁପସ୍ଥିତି ଜମିର ମୂଳ ଉତ୍ସ ଓ ଲିଜ୍ ପ୍ରକ୍ରିୟାକୁ ନେଇ ସନ୍ଦେହକୁ ଆହୁରି ଘନୀଭୂତ କରିଛି । ଆଉ ଯଦି ଲିଜ୍ ପାଇଥିବା ବ୍ୟକ୍ତି ନିଜେ ରାଜସ୍ୱ ପ୍ରଶାସନର ଜଣେ ଅଧିକାରୀ ଥିଲେ, ତେବେ ତାଙ୍କ ଆବେଦନ କେଉଁ ପ୍ରକ୍ରିୟାରେ ବିଚାର ହୋଇଥିଲା ? ତାଙ୍କ ସରକାରୀ ପଦବୀ ଓ ଜମି ପାଇବାର ଯୋଗ୍ୟତା ମଧ୍ୟରେ କୌଣସି ସମ୍ପର୍କ ଥିଲା କି ? ନା ସେ ଅନ୍ୟ ସାଧାରଣ ଆବେଦନକାରୀଙ୍କ ଭଳି ସମାନ ପ୍ରକ୍ରିୟାରେ ଜମି ପାଇଥିଲେ ? ଏହା ମଧ୍ୟ ତଦନ୍ତରେ ସ୍ପଷ୍ଟ ହେବାକୁ ଥିବା ମୁଖ୍ୟ ଦିଗ।

# ଭିଜିଲାନ୍ସ ଜାଲରେ ଡିଇଓ ଅଫିସ୍‌ର ପ୍ରୋଗ୍ରାମର

ଜଗତସିଂହପୁର/କଟକ, ୦୮/୧୦ ନ୍ୟୁଜ ବ୍ୟୁରୋ



ବିଦ୍ୟାଳୟରେ ଡିଜିଟାଲ ବ୍ଲାକ୍‌ବୋର୍ଡ ସ୍ଥାପନ କାର୍ଯ୍ୟର ବକେୟା ବିଲ୍ ପାସ୍ କରାଇବା ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ତଥା ସମଗ୍ର ଶିକ୍ଷା ଅଭିଯାନ (ଏସ୍ଏସ୍ଏ) କାର୍ଯ୍ୟାଳୟର ପ୍ରୋଗ୍ରାମର ଚନ୍ଦ୍ରଜିତ ପରିଜା ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍କୁଲରେ ଡିଜିଟାଲ ବ୍ଲାକ୍‌ବୋର୍ଡ ସ୍ଥାପନ କରିଥିବା ଜଣେ ଠିକାଦାରଙ୍କ ବକେୟା ବିଲ୍ ପାସ୍ ପାଇଁ ଶ୍ରୀ ପରିଜା ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଥିଲା। ସେ କ୍ରୟ ଓ ବୈଷୟିକ କମିଟିର ସଦସ୍ୟ ଥିବାରୁ ସ୍ଥାପନ କାର୍ଯ୍ୟ ଯାଞ୍ଚ କରି ପ୍ରମାଣପତ୍ର ଦେବା ପରେ ବିଲ୍ ମଞ୍ଜୁର ହେବାର ବ୍ୟବସ୍ଥା ରହିଛି। ତେବେ ଅଭିଯୋଗକାରୀଙ୍କ ଅଭିଯୋଗ ଅନୁସାରେ, କାର୍ଯ୍ୟ ଯାଞ୍ଚ ଓ ପ୍ରମାଣପତ୍ର ଦେବା ପାଇଁ ଶ୍ରୀ ପରିଜା ୩୦ ହଜାର ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ଅସମ୍ମତ ହେବାରୁ ବିଲ୍ ପ୍ରକ୍ରିୟା ଆଗକୁ ବଢ଼ାଯାଉନଥିବା ଅଭିଯୋଗ ହେବା ପରେ ଠିକାଦାର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଏହାପରେ ଭିଜିଲାନ୍ସ ପକ୍ଷରୁ ଯୋଜନା କରାଯାଇଥିଲା। ଯୋଜନା ଅନୁଯାୟୀ, ଗୁରୁବାର ଅଭିଯୋଗକାରୀଙ୍କ ଠାରୁ ୩୦ ହଜାର ଟଙ୍କା ଗ୍ରହଣ କରୁଥିବା ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଶ୍ରୀ ପରିଜାଙ୍କୁ ଧରିଥିଲା। ତାଙ୍କଠାରୁ ଅଭିଯୋଗ ଅନୁଯାୟୀ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହି ଘଟଣା ପରେ ଶ୍ରୀ ପରିଜାଙ୍କ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଯାଞ୍ଚ ପାଇଁ ଭିଜିଲାନ୍ସର ସ୍ୱତନ୍ତ୍ର ଟିମ୍ ତାଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରଖିଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ମାମଲା ନମ୍ବର ୩୯/୨୦୨୬ ରୁଜୁ ହୋଇଛି। ଧାରା ୭, ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

# ପ୍ରାଥମିକ ସ୍ତରରୁ ଶିକ୍ଷାର ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୦୮/୧୦
ନ୍ୟୁଜ ବ୍ୟୁରୋ



ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାଜ୍ୟର ସାମାଜିକ କ୍ଷେତ୍ରର ସମସ୍ୟା ସମାଧାନ ଏବଂ ଉନ୍ନତି ନିମନ୍ତେ ଏକ ଉଚ୍ଚସ୍ତରୀୟ 'ପ୍ରୟାସ' ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାମାଜିକ କ୍ଷେତ୍ରର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ ତୃଣମୂଳ ସ୍ତରରେ ଅନୁଧ୍ୟାନ କରି ସେଗୁଡ଼ିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ପାଇଁ ଏକ ସୁଦୃଢ଼ ଓ ଗଠନମୂଳକ ପ୍ଲାଟଫର୍ମର ଆବଶ୍ୟକତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ମୁଖ୍ୟତଃ ତିନୋଟି ପ୍ରମୁଖ ବିଭାଗ ଯଥା- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକାରିତାକୁ ନେଇ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ, ପୁଷ୍ଟିସାଧନ ଏବଂ ଗୁଣାତ୍ମକ ଶିକ୍ଷା- ଏହି ତିନୋଟି କ୍ଷେତ୍ର ମାଧ୍ୟମରେ ହିଁ ଏକ ମଜବୁତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ସଂପୃକ୍ତ ବିଭାଗଗୁଡ଼ିକୁ ଅଧିକ ତତ୍ପର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷ କରି ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ସହ ଜଡ଼ିତ ଏହି କ୍ଷେତ୍ରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ଆହୁରି ଉନ୍ନତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ମାତୃ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଦୃଢ଼ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଶିଶୁମାନଙ୍କ ମଧ୍ୟରେ ଦେଖାଯାଉଥିବା ପୁଷ୍ଟିହୀନତା ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ 'ସୁପୋଷିତ ଓଡ଼ିଶା' ଅଭିଯାନକୁ ଅଧିକ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାଫଳରେ ମା' ଏବଂ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ବହୁବିଧ ଉନ୍ନତି ପରିଲକ୍ଷିତ ହୋଇପାରିବ। ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ପୁଷ୍ଟିକର ସାମଗ୍ରୀର ମାନ ତଥା ନିରିକ୍ଷଣ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ, ଶିକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କ ମୌଳିକ ଶିକ୍ଷାର ମାନରେ ବୃଦ୍ଧି କରିବା ପାଇଁ ସମସ୍ତ ଚେଷ୍ଟା କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଛନ୍ତି। ଏଥିସହିତ ଶିକ୍ଷକମାନେ ଶିକ୍ଷାଦାନ ଏବଂ ଶିକ୍ଷାର ମୂଳ କାର୍ଯ୍ୟକ୍ରମଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ଧ୍ୟାନ କେନ୍ଦ୍ରିତ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଗତ ମାନ ବୃଦ୍ଧି ପାଇବ ବୋଲି ଆଶାପୋଷଣ ମଧ୍ୟ କରିଛନ୍ତି । ଏହି ବୈଠକରେ ରାଜ୍ୟର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟପନ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍., ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଏନ୍. ତିରୁମାଲା ନାଏକ ଏବଂ ସମନ୍ୱିତ ଶିଶୁ ବିକାଶ ଓ ସମାଜ କଲ୍ୟାଣର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com